**ସଂକ୍ଷେପରେ**

## ପଞ୍ଚାୟତସ୍ତରୀୟ ସଚେତନତା ଶିବିର

କୃଷ୍ଣପ୍ରସାଦ,୩।୨(କୈଳାସ ଚନ୍ଦ୍ର ପଟ୍ଟନାୟକ): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଅରଖକୁଦା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ଜନସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅରଖକୁଦା ସରପଞ୍ଚ ସୁମିତ୍ରା ବେହେରାଙ୍କ ସଭାପତିତ୍ୱରେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଶକୁନ୍ତଳା ଗଡ୍ଡ, ସମିତିସଭ୍ୟା କନକଲତା ଜେନା, କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ସାହୁ, କନିଷ୍ଠ ଯନ୍ତ୍ରୀ କମଳାକାନ୍ତ ବାସ୍କେଙ୍କ ସମେତ ସାତପଡ଼ା, ଗମ୍ଭାରୀ, ପଣସପଦା, ଗୋପୀନାଥପୁର, ମାଣିକା, ପିରିଜିପୁର ପଞ୍ଚାୟତର ସରପଞ୍ଚମାନେ ଉପସ୍ଥିତ ଥିଲେ। ଏହି ଶିବିରରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକସ୍ଥଳଗୁଡ଼ିକର ରୂପାନ୍ତରୀକରଣ, ମହିଳା ସଶକ୍ତୀକରଣ ଓ ଭିତ୍ତିଭୂମିର ବିକାଶ, ନିର୍ମାଣ ଶ୍ରମିକ ଉନ୍ନତି, ବ୍ୟାଙ୍କିଙ୍ଗ ଭିତ୍ତିଭୂମିର ବିକାଶ ଉପରେ ସଚେତନ କରାଯାଇଥିଲା। ବିଭିନ୍ନ ବିଭାଗୀୟ ଅଧିକାରୀମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଏଥିରେ ଶତାଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଅଂଶଗ୍ରହଣ କରିଥିଲେ। ଯୁବନେତା ପ୍ରଦୀପ କୁମାର ବେହେରା ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ମିଶନ ଶକ୍ତିର ସାବିତ୍ରୀ ପଶ୍ଚିମକବାଟ, ଶିବ ନାରାୟଣ ଭୋଇ, ମଳୟ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଡିଓ ବିଜୟ କୁମାର ବେହେରା ଶିବିର ପରିଦର୍ଶନ କରି ପ୍ରଶଂସା କରିଥିଲେ।

## ସଦ୍‌ଭାବନା କମିଟି ଗଠନ ପାଇଁ ପ୍ରସ୍ତାବ

ଟାଙ୍ଗୀ,୩।୨(ରଘୁନାଥ ସାହୁ)
ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବସରରେ ପ୍ରତି ଗାଁରେ ପୂଜାର୍ଚ୍ଚନା ସହିତ ନଗର ପରିକ୍ରମା କରାଯାଇଥିଲା। ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସାନରାଉତପଡା ଗ୍ରାମରେ ଯୁବକମାନେ ଗ୍ରାମ ପରିକ୍ରମା କରୁଥିବା ବେଳେ କେତେଜଣ ଯୁବକ ମସଜିଦ ନିକଟରେ ସାଉଣ୍ଡ ବନ୍ଦ କରିବାକୁ କହିବାରୁ ବିବାଦ ହୋଇଥିଲା। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲା। ତେବେ ସ୍ଥାନୀୟ ଅଞ୍ଚଳରେ ଶାନ୍ତି ବାତାବରଣ ଆଣିବା ଉଦ୍ଦେଶ୍ୟରେ ଶନିବାର ପୋଲିସ ପ୍ରଶାସନ ଉପସ୍ଥିତିରେ ଉଭୟ ପକ୍ଷର ନିର୍ବାଚିତ ପ୍ରତିନିଧି, ୭ ପଞ୍ଚାୟତର ସରପଞ୍ଚ, ୨ ଜିଲାପରିଷଦ ସଭ୍ୟ ଟାଙ୍ଗୀ ଥାନା ପରିସରରେ ଆଲୋଚନା କରିଥିଲେ। ଉପଜିଲ୍ଲାପାଳ ଦୀପ୍ତି ରଞ୍ଜନ ସେଠୀ, ତହସିଲଦାର ମିତାଲି ପାତ୍ର, ଅତିରିକ୍ତ ଏସ୍‌ପି କିଶୋର ଚନ୍ଦ୍ର ମୁଣ୍ଡ, ବାଲୁଗାଁ ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ଥାନା ନୀରିକ୍ଷକ ସୁଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅଞ୍ଚଳରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଫେରାଇ ଆଣିବାକୁ ପ୍ରଶାସନ ଉଭୟ ପକ୍ଷର ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। ଉଭୟ ପକ୍ଷର ଲୋକଙ୍କୁ ନେଇ ଏକ ସଦ୍‌ଭାବନା କମିଟି ଗଠନ ପାଇଁ ପ୍ରସ୍ତାବ ଦିଆଯାଇଛି। କମିଟି ଗଠନ ପର୍ଯ୍ୟନ୍ତ ଅଞ୍ଚଳରେ ଶାନ୍ତି ବଜାୟ ରଖିବା ପାଇଁ ଉଭୟ ଗୋଷ୍ଠୀକୁ ନିବେଦନ କରାଯାଇଛି।

# ହାଇୱା ଧକ୍କାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ଖୋର୍ଦ୍ଧା/ବେଗୁନିଆ,୩।୨
(ପ୍ରଭାତ ପାଣିଗ୍ରାହୀ/ହରପ୍ରସନ୍ନ ପଣ୍ଡା)

- କ୍ଷତିପୂରଣ ଦାବିରେ ରାସ୍ତାରୋକୋ
- ଗାଡ଼ି ଜବତ, ଥାନାରେ ମାମଲା

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ବଡ଼ବେରଣା ଛକ ନିକଟରେ ଶନିବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବାଲି ବୋଝେଇ ହାଇୱା ଏକ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ସ୍କୁଟି ଚଳାଉଥିବା ସ୍ୱାମୀ ରାସ୍ତାକଡ଼କୁ ଛିଟିକି ପଡ଼ିଥିବା ବେଳେ ସ୍ତ୍ରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ମୃତା ହେଲେ କଟକ ଜିଲା ବଡ଼ମ୍ବା ଥାନା ଅନ୍ତର୍ଗତ ଗୋପମଥୁରାପୁର ଗ୍ରାମର ଗଣେଶ୍ୱର ଲେଙ୍କାଙ୍କ ସ୍ତ୍ରୀ ପ୍ରମିଳା(୬୦)। ଖବରପାଇ ବେଗୁନିଆ ଥାନା ପୋଲିସ ପହଞ୍ଚି ଆହତ ସ୍ୱାମୀ ଗଣେଶ୍ୱରଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲା। ପ୍ରମିଳାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତାଙ୍କ ପରିବାରକୁ କ୍ଷତିପୂରଣ, ଆହତଙ୍କ ଉପଯୁକ୍ତ ଚିକିତ୍ସା ଦାବିରେ ସ୍ଥାନୀୟ ଲୋକେ ରାସ୍ତାରେ ପଥର ରଖି ରାସ୍ତାରୋକୋ କରିଥିଲେ। ଫଳରେ


ଉତ୍ତ୍ୟକ୍ତ ଲୋକେ ପଥର ରଖି ରାସ୍ତା ଅବରୋଧ କରିଛନ୍ତି।

ଉଭୟପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା। ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ସୂଚନା ମୁତାବକ, ଗୋପମଥୁରାପୁର ଗ୍ରାମର ଗଣେଶ୍ୱର ଓ ତାଙ୍କ ସ୍ତ୍ରୀ ଏକ ସ୍କୁଟି (ଓଡି ୦୫ ଏଏଚ୍-୬୬୦୪)ରେ ବାଘମାରୀ-କଣ୍ଟିଲୋ ପୂର୍ତ୍ତ ବିଭାଗ ରାସ୍ତାରେ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ସକାଳ ପ୍ରାୟ ୯ଟା ୧୫ରେ ବଡ଼ବେରଣା ଛକ ନିକଟରେ ଏକ ବାଲି ବୋଝେଇ ହାଇୱା (ଓଡି ୦୮ଜି-୦୬୮୮) ସ୍କୁଟିକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଗଣେଶ୍ୱର ଆହତ ହୋଇଥିବା ବେଳେ ତାଙ୍କ ସ୍ତ୍ରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ହେଲେ ହାଇୱା ଚାଳକ ଗାଡ଼ି ରଖି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏଥିସହ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ଖବରପାଇ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ପୋଲିସ ଦୁର୍ଘଟଣା ଘଟାଇଥିବା ହାଇୱାକୁ ଜବତ କରିଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୪୮/୨୪) ରୁଜୁକରି ଅଧିକ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ବୈଦ୍ୟେଶ୍ୱର ନିକଟ ମହାନଦୀରୁ ବାଲି ବୋଝେଇ ହାଇୱା ଏହି ରାସ୍ତା ଦେଇ ଯାତାୟାତ କରୁଛି। ଫଳରେ ଦୁର୍ଘଟଣା ଘଟୁଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।


ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ନୀଳାମ୍ବୁ ମହୋତ୍ସବ ଉଦ୍‌ଘାଟନୀ ଦିବସରେ କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ।

## ନୀଳାମ୍ବୁ ମହୋତ୍ସବ ଉଦ୍‌ଘାଟିତ

ଟାଙ୍ଗୀ,୩।୨(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଦ୍ୱିତୀୟ ବାର୍ଷିକ ନୀଳାମ୍ବୁ ମହୋତ୍ସବ-୨୦୨୪ ଉଦ୍‌ଘାଟିତ ହୋଇଯାଇଛି। ଶନିବାର ଅପରାହ୍ନରେ ପଶ୍ଚିମାଭିମୁଖୀ ଶମ୍ଭୁ ଶ୍ରୀଲୋକନାଥ ଦେବଙ୍କ ମନ୍ଦିରରୁ ଜ୍ୟୋତି ଅଣାଯାଇ ଟାଙ୍ଗୀ ଗ୍ରାମ ପରିକ୍ରମା ସହ ବଳରାମ ଦେବଙ୍କ ମନ୍ଦିର ପରିକ୍ରମା ପରେ ଚିଲିକା ଷ୍ଟାଡିୟମରେ ପହଞ୍ଚିଥିଲା। ଟାଙ୍ଗୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିସ୍ମା ମାନ୍ଧାତା ନିଜ କରକମଳରେ ଜ୍ୟୋତି ଧାରଣ କରି ଗ୍ରାମ ପରିକ୍ରମା କରିଥିଲେ। ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ଦିବସରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଜିଲା ବିଜେଡି ଉପଦେଷ୍ଟା ରାମଚନ୍ଦ୍ର ମହାପାତ୍ର, ସମାଜସେବୀ ସଞ୍ଜୟ ପଟ୍ଟନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ବ୍ଲକ ଯୁବ ବିଜେଡି ସଭାପତି ଚିନ୍ମୟ ପୃଷ୍ଟି, ସଂଘ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ପ୍ରବକ୍ତା ସରୋଜ ପାଇକରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଟାଙ୍ଗୀ ଆଇଆଇସି ସୁଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ପୋଲିସ ମୁତୟନ କରାଯାଇଛି।

## ସିଗ୍‌ମା ପବ୍ଲିକ ସ୍କୁଲରେ ଓଡ଼ିଆ ଭାଷା କାର୍ଯ୍ୟକ୍ରମ

ଖୋର୍ଦ୍ଧା,୩।୨(ପ୍ରଭାତ ପାଣିଗ୍ରାହୀ)

ବିଡିଏ କଲୋନୀ ସ୍ଥିତ ସିଗ୍‌ମା ପବ୍ଲିକ ସ୍କୁଲରେ ଓଡ଼ିଆ ଭାଷା କାର୍ଯ୍ୟକ୍ରମ ପାଳନ କରାଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବାହ୍ନ ୧୧ଟାରେ ଛାତ୍ରୀଛାତ୍ର, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ମିଳିତଭାବେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଗତ ସାଧାରଣତନ୍ତ୍ର ଦିବସରେ ଜିଲାସ୍ତରୀୟ ଓଡ଼ିଆ ହସ୍ତଲିପି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ରୋଜାଲିନ ଶ୍ରୀଚନ୍ଦନଙ୍କ ସଂଯୋଜନାରେ ସମସ୍ତ ଛାତ୍ରୀଛାତ୍ର ଓଡ଼ିଆ ଭାଷାରେ ହସ୍ତଲିପି ଲେଖିଥିଲେ। ଓଡ଼ିଆ ଭାଷାରେ ବିଭିନ୍ନ ବିଷୟରେ ବକ୍ତୃତା, ପରସ୍ପର ମଧ୍ୟରେ କଥପୋକଥନ କାର୍ଯ୍ୟକ୍ରମ ହୋଇଥିଲା। ଶେଷରେ ଅନୁଷ୍ଠାନର ନିର୍ଦ୍ଦେଶକ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଓଡ଼ିଆ ଭାଷାର ଉପାଦେୟତା ଏବଂ ଏହାର ଅଭ୍ୟାସ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ।

# ୨୧ ଆଶା, ୧୦ ଜିକେଏସ୍ ସମ୍ମାନିତ



ସମ୍ମିଳନୀରେ ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟ ଅତିଥି।

ଖୋର୍ଦ୍ଧା,୩।୨(ପ୍ରଭାତ ପାଣିଗ୍ରାହୀ)

**ଜିଲାସ୍ତରୀୟ ଗୁଣବତ୍ତା ସମ୍ମାନ ସମ୍ମିଳନୀ**

ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଆଶାକର୍ମୀ, ଗାଁ କଲ୍ୟାଣ ସମିତି(ଜିକେଏସ୍), ମହିଳା ଆରୋଗ୍ୟ ସମିତି ଓ ଜନ ଆରୋଗ୍ୟ ସମିତିମାନଙ୍କୁ ନେଇ ଜିଲାସ୍ତରୀୟ ଗୁଣବତ୍ତା ସମ୍ମାନ ସମ୍ମିଳନୀ ୨୦୨୩-୨୪ ସ୍ଥାନୀୟ ଜୟୀ ରାଜଗୁରୁ ଭବନ(ଟାଉନହଲ୍) ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଆର୍ତ୍ତବନ୍ଧୁ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂ, ଜିଲାପାଳ ଚଞ୍ଚଳ ରାଣା, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଶାନ୍ତ କୁମାର ଦାସ, ଜନସ୍ୱାସ୍ଥ୍ୟ ଅଧିକାରୀ(ଲେପର୍ସି) ଡା. ଇନ୍ଦିରା ରଥ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଭିଭିଡି) ଡା. ଜୀବନ୍ତ ଆଚାର୍ଯ୍ୟ, ଏଡିଏମ୍‌ଓ(ପରିବାର କଲ୍ୟାଣ) ଡା. ରଘୁନାଥ ନାୟକ, ଡା. ବିଶ୍ୱନାଥ ପାଢ଼ୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ଜିଲାରେ ସ୍ୱାସ୍ଥ୍ୟର ଉନ୍ନତି, ବିଭିନ୍ନ ଯୋଜନାର ପ୍ରଚାର ପ୍ରସାର, ଜନ ସଚେତନତା, କାର୍ଯ୍ୟକାରିତା କ୍ଷେତ୍ରରେ ଆଶା, ଗାଁ କଲ୍ୟାଣ ସମିତି ଏବଂ ଆରୋଗ୍ୟ ସମିତିଗୁଡ଼ିକର ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ। ଏହି ଅବସରରେ ୨୦୨୩-୨୪ ଆର୍ଥିକ ବର୍ଷରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଆଶାକର୍ମୀ, ଗାଁ କଲ୍ୟାଣ ସମିତି, ଆରୋଗ୍ୟ ଓ ଜନ ଆରୋଗ୍ୟ ସମିତି ସଦସ୍ୟମାନଙ୍କୁ ପୁରସ୍କୃତ କରାଯାଇଛି। ଏହି କ୍ରମରେ ୨୧ଜଣ ଆଶାକର୍ମୀ, ୧୦ଟି ଗାଁ କଲ୍ୟାଣ ସମିତିକୁ ପୁରସ୍କୃତ କରାଯାଇଛି। ପୁରସ୍କୃତ ବାବଦରେ ଗାଁ କଲ୍ୟାଣ ସମିତିକୁ ୧୦ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି।

## ବିଜେଡି ନେତ୍ରୀଙ୍କ ସାଙ୍ଗଠନିକ ବୈଠକ



ଟାଙ୍ଗୀ,୩।୨(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକରେ ବିଜୁ ଜନତା ଦଳର ସଙ୍ଗଠନକୁ ତୃଣମୂଳ ସ୍ତରରୁ ମଜଭୁତ କରିବା ପାଇଁ ଉଜଳାଗୋପୀନାଥପୁର ପଞ୍ଚାୟତରେ ବନ୍ଧୁମିଳନ ଓ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ରାଜ୍ୟ ବିଜୁ ମହିଳା ଜନତା ଦଳ ଉପସଭାପତି ବାସନ୍ତୀ ମହାପାତ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଲୋକଙ୍କୁ ଜଣାଇବାକୁ ଆହ୍ୱାନ ଦେଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ, ଅସହାୟ ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ପାଣ୍ଠିରୁ ସହାୟତା ପ୍ରଦାନ କରି ସେମାନଙ୍କ ସୁଖଦୁଃଖରେ ସାମିଲ ହେଉଥିବା ମହାପାତ୍ରଙ୍କ ନେତୃତ୍ୱ ପଛରେ ସଙ୍ଗଠିତ ହେବାପାଇଁ ଶପଥ ଗ୍ରହଣ କରିଥିଲେ। ପ୍ରଭାକର ରାଉତରାୟ, ପ୍ରଫୁଲ୍ଲ ଦଳେଇ, ଭାଗୀରଥି ପରିଡା ଏବଂ ନିରଞ୍ଜନ ସ୍ୱାଇଁଙ୍କ ନେତୃତ୍ୱରେ ଏହି ବୈଠକ ହୋଇଥିବା ବେଳେ ବହୁ ବିଜେଡି କର୍ମୀ ଯୋଗଦେଇଥିଲେ।

# ‘ଗୁଣାତ୍ମକ ଓ ମୂଲ୍ୟବୋଧ ଶିକ୍ଷାକୁ ଆପଣେଇବା ଜରୁରୀ’

ବେଗୁନିଆ,୩।୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମା ପୋଷ୍ଟ ଅଫିସ ଛକ ନିକଟରେ ଥିବା ଏକ ଘରୋଇ ସ୍କୁଲର ଦଶମ ସାମ୍ବତ୍ସରିକ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରତିଷ୍ଠାତା ସଭାପତି ଅଜୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥିଭାବେ ଶିକ୍ଷକ ଅଖିଳେଶ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶିକ୍ଷକ ସନ୍ତୋଷ କୁମାର ମହାପାତ୍ର ମୁଖ୍ୟବକ୍ତା, ଶିକ୍ଷାବିତ୍ ରାମଚନ୍ଦ୍ର ସାହୁ ସ୍ୱତନ୍ତ୍ର ଅତିଥି, ଅବସରପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀ ସୁବାସ ଚନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଶିକ୍ଷା ହେଉଛି ଜୀବନବ୍ୟାପୀ ପ୍ରକ୍ରିୟା, ଯାହାର କୌଣସି ଅନ୍ତ ନ ଥାଏ। ଗୁଣାତ୍ମକ ଓ ମୂଲ୍ୟବୋଧଭିତ୍ତିକ ଶିକ୍ଷା ହାସଲ କ୍ଷେତ୍ରରେ ଆଧୁନିକ ପଦ୍ଧତି ଏବଂ ତାହାର ପାଠ୍ୟ ଖସଡ଼ାରେ ପରିବର୍ତ୍ତନ ହେବା ଜରୁରୀ। ସେହିପରି ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ମଧ୍ୟରେ ଶ୍ରଦ୍ଧା ଓ ଭକ୍ତିଭାବ ରହିଲେ ଶୈକ୍ଷିକ ବାତାବରଣ ସୁଦୃଢ଼ ଏବଂ ପ୍ରଭାବଶାଳୀ ହେବ ବୋଲି ଅତିଥି ମହାପାତ୍ର ଉଦ୍‌ବୋଧନ ଦେଇଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଅଧ୍ୟକ୍ଷ ରାଜେଶ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ସୁଧାକର ସେଠୀ ସଂଯୋଜନା କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କୁନି ପିଲାମାନେ ବିଭିନ୍ନ ନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ।

## ସବୁଠି ଶୁଭିଲା ବନ୍ଦେ ଉତ୍କଳ ଜନନୀ

ଖୋର୍ଦ୍ଧା,୩।୨(ପ୍ରଭାତ ପାଣିଗ୍ରାହୀ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ-୨୦୨୪ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୧ରେ ‘ବନ୍ଦେ ଉତ୍କଳ ଜନନୀ’ ସଙ୍ଗୀତ ଗାନ କରାଯାଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟର ବହୁ ଅଧିକାରୀ ଓ କର୍ମଚାରୀ ଏକାଠି ହୋଇ ଏହି ସଙ୍ଗୀତ ଗାନ କରିଥିଲେ। ଏଥିସହିତ ସମସ୍ତ ବ୍ଲକ, ତହସିଲ ଓ ଅନ୍ୟାନ୍ୟ କାର୍ଯ୍ୟାଳୟରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଛି। ପ୍ରତି ଓଡ଼ିଆଙ୍କ ମନରେ ଉତ୍ସାହ ଭରିଯାଇଛି। ଓଡ଼ିଆଙ୍କ ମନରେ ଭାଷା ପ୍ରତି ପୁନଃ ଏକ ସଚେତନତା ଆସିଛି। ଏହି ଓଡ଼ିଆ ଭାଷା ସମ୍ମିଳନୀ ସମସ୍ତ ଓଡ଼ିଆଙ୍କ ମଧ୍ୟରେ ଏକ ନିଆରା ପ୍ରଭାବ ସହ ଯୁବପିଢ଼ିଙ୍କୁ ଓଡ଼ିଆ ଭାଷା ସହ ଯୋଡ଼ିବ ବୋଲି ମତପ୍ରକାଶ ପାଇଛି।

# ମହିଳା ପ୍ରଦର୍ଶନୀ ମ୍ୟାଚରେ ଭୁବନେଶ୍ୱର ବିଜୟୀ

ନିରାକାରପୁର,୩।୨
(ମାନସ ଚନ୍ଦ୍ର ପଟ୍ଟନାୟକ)

**କାଶୀପୁର ଫୁଟ୍‌ବଲ ଟୁର୍ନାମେଣ୍ଟ**

ଡିଆ ପଞ୍ଚାୟତ ଅନ୍ତର୍ଗତ କାଶୀପୁର ଖେଳପଡିଆରେ ମା’ଭୈରବୀ ଯୁବସଂସଦ ଆନୁକୂଲ୍ୟରେ ଚାଲିଥିବା ୪୧ତମ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଶନିବାର ସ୍ଥାନୀୟ ଅଞ୍ଚଳର ଭେଟରାନ ଓ ଯୁବକମାନଙ୍କ ମଧ୍ୟରେ ମ୍ୟାଚ ହୋଇଥିଲା। ଏଥିରେ ଭେଟରାନ ଦଳ ପରାଜିତ ହୋଇଥିଲା। ଏହା ପରେ ମହିଳା ପ୍ରଦର୍ଶନୀ ମ୍ୟାଚ୍ ଭୁବନେଶ୍ୱର ଫୁଟ୍‌ବଲ କ୍ଲବ ଓ ଜଟଣୀ ଫୁଟ୍‌ବଲ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ୫-୦ ଗୋଲରେ ଭୁବନେଶ୍ୱର ମହିଳା ଦଳ ବିଜୟୀ ହୋଇଥିଲା। ପ୍ରମୋଦ କୁମାର ଦାସ, ଅବିନାଶ ପଟ୍ଟନାୟକ, ସୁକାନ୍ତ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିବା ବେଳେ ହୃଦାନନ୍ଦ ମହତରାୟ ମ୍ୟାଚ କମିଶନର ଥିଲେ। ଅତିଥିଭାବେ ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, କ୍ରିଷ୍ଣା ଦାସ, ଜଗବନ୍ଧୁ ବେହେରା, ଅପର୍ତ୍ତି ଜେନା, ହେମନ୍ତ କୁମାର ସାମନ୍ତରାୟ, ଲକ୍ଷ୍ମୀକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରଦୀପ୍ତ କୁମାର ଷଡ଼ଙ୍ଗୀ, ନୃସିଂହ ଦଳେଇ, ସନ୍ତୋଷ ଦଳେଇ, କମଳଲୋଚନ ପ୍ରଧାନ, ସୋମନାଥ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ବିଜୟୀ ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଭୁବନେଶ୍ୱର ଦଳର ୧୧ନମ୍ବର ଜର୍ସି ଲକ୍ଷ୍ମୀପ୍ରିୟା ଲେଙ୍କାଙ୍କୁ ଶ୍ରେଷ୍ଠ ଖେଳାଳିଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ରବିବାର ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଖେଳାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି।


ମହିଳା ପ୍ରଦର୍ଶନୀ ମ୍ୟାଚ ପୂର୍ବରୁ ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

# ଡିଇଓଙ୍କ କାର୍ଯ୍ୟାଳୟ ଘେରିଲା ଓଷ୍ଟା

ଖୋର୍ଦ୍ଧା,୩।୨(ପ୍ରଭାତ ପାଣିଗ୍ରାହୀ)

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

ଶିକ୍ଷକଙ୍କ ସମସ୍ୟା ସମାଧାନ ଦିଗରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏହାର ପ୍ରତିବାଦରେ ଶିକ୍ଷକ, କର୍ମଚାରୀମାନେ ଆନ୍ଦୋଳନ କରିବାକୁ ବାଧ ହୋଇଛନ୍ତି ବୋଲି ଶିକ୍ଷକମାନେ କହିଛନ୍ତି। ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ନେଇ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ଶତାଧିକ ଶିକ୍ଷକ, କର୍ମଚାରୀ ଗୀତାଭବନ ପଡିଆରୁ ଶୋଭାଯାତ୍ରାରେ ବାହାରି ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ(ଡିଇଓ) ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣା ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡିଇଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ବିଦ୍ୟାଳୟରେ ୩୦ ବର୍ଷରୁ ଊର୍ଦ୍ଧ୍ୱ ଦିନ ଧରି ଶିକ୍ଷକତା କରି ଅବସର ଗ୍ରହଣ କରୁଥିବା ଶିକ୍ଷକମାନେ ପେନ୍‌ସନ ପାଉନାହାନ୍ତି। ଫଳରେ ଅବସର ପରେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ସମସ୍ତ ଅନୁଦାନପ୍ରାପ୍ତ ଓ ୬୧୦ ବିଦ୍ୟାଳୟକୁ ସରକାରୀକରଣ, ଯୋଗ୍ୟ ବିବେଚିତ ବିଦ୍ୟାଳୟକୁ ଅନୁଦାନ, ନୂତନ



ଓଷ୍ଟା ପକ୍ଷରୁ ଅନୁଷ୍ଠିତ ପ୍ରତିବାଦ ସଭା।

ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଶିକ୍ଷକ, କର୍ମଚାରୀମାନଙ୍କୁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶନାମା ଅନୁସାରେ ପେନ୍‌ସନ, ୨୨୬ ଓ ୩୯୯ ବିଦ୍ୟାଳୟଗୁଡ଼ିକୁ ୭ମ ବେତନ ପ୍ରଦାନ, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କ ୬ ବର୍ଷରୁ ଚୁକ୍ତି ଅବଧିକୁ ନିୟମିତ, ଏନ୍‌ପିଏସ୍ ପରିବର୍ତ୍ତେ ଓପିଏସ୍ ଲାଗୁ, ଖାଲି ପଡ଼ିଥିବା ଶିକ୍ଷକ ଓ କର୍ମଚାରୀ ପଦବୀ ପୂରଣ, ଅବସର ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି ସହ ଯୋଗ୍ୟ ବିବେଚିତ ସମସ୍ତ ଉଚ୍ଚ ବିଦ୍ୟାଳୟକୁ ଅନୁଦାନ, ୨୮ଶହ ଗ୍ରେଡ୍ ପେ’ରେ ଥିବା ଅସଙ୍ଗତି ଦୂରୀକରଣ, ୪୮ ବର୍ଷରେ ପଦାର୍ପଣ କରିଥିବା ହିନ୍ଦୀ ଓ ସଂସ୍କୃତ ଶିକ୍ଷକଙ୍କୁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ ଟିଜି ସ୍କେଲ୍ ପ୍ରଦାନ, ବିପିଏଡ୍ ଯୋଗ୍ୟତାଧାରୀ କ୍ରୀଡ଼ା ଶିକ୍ଷକଙ୍କୁ ଟିଜି ସ୍କେଲ୍, ଅନୁଦାନ ପାଇଥିବା ୨ୟ, ୩ୟ, ୪ର୍ଥ ଶ୍ରେଣୀ କର୍ମଚାରୀ ଓ ୩୭, ୪୬ ଓ ୬୩ ବର୍ଗର ବିଦ୍ୟାଳୟଗୁଡିକର ସମସ୍ୟା ସମାଧାନ ନେଇ ସରକାରଙ୍କ ସହ ବହୁବାର ଆଲୋଚନା ହୋଇଥିଲେ ବି ଦିନ ଗଡ଼ାଇ ଚାଲିଛନ୍ତି। ଏହାର ପ୍ରତିବାଦରେ ଆସନ୍ତା ୭ ତାରିଖରେ ଭୁବନେଶ୍ୱରଠାରେ ଦିବାରାତ୍ର ଧାରଣା ଦିଆଯିବ ବୋଲି ଘୋଷଣା ହୋଇଛି। ଓଷ୍ଟା ଜିଲା ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ ଦାସ, ସମ୍ପାଦକ ରମାକାନ୍ତ ମହାପାତ୍ର, କାର୍ଯ୍ୟକାରୀ କମିଟି ସଭ୍ୟ ମଧୁସୂଦନ ଦେ, ଶିଶିର ଦାସ, ଜିଲା ସମ୍ପାଦକ ସୁଧାକର ମହାପାତ୍ରଙ୍କ ସମେତ ଜିଲା କାର୍ଯ୍ୟକାରୀ ସଭାପତି ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ପ୍ରକାଶ ପଲାଇ, ରମେଶ ଚନ୍ଦ୍ର ପ୍ରଧାନ, ଶ୍ରୀହରି ମାଳି, ଘନଶ୍ୟାମ ସ୍ୱାଇଁ, ଜିଲା ଉପଦେଷ୍ଟା ସନ୍ତୋଷ ଚନ୍ଦ୍ର କର, କିଶୋର ଚନ୍ଦ୍ର ପରମଗୁରୁ, ଅବସରପ୍ରାପ୍ତ ଶିକ୍ଷକ ସଂଘ ସଭାପତି ଡ. ଗୌରହରି ମିଶ୍ର ପ୍ରମୁଖ ଯୋଗଦେଇ ସରକାରଙ୍କ ଶିକ୍ଷାମାରଣ ନୀତିକୁ ସମାଲୋଚନା କରିଥିଲେ। ଶିକ୍ଷକଙ୍କ ସମସ୍ୟାର ସମାଧାନ ସହ ସୁସ୍ଥ ଶୈକ୍ଷିକ ବାତାବରଣ ଫେରାଇ ଆଣିବା ପାଇଁ ସରକାରଙ୍କ ନିକଟରେ ଦାବି କରିଛନ୍ତି।

## ସଂକ୍ଷେପରେ

### ବିଦ୍ୟାଳୟ ବାର୍ଷିକ ଉତ୍ସବ

ବାଲିପାଟଣା,୩।୨(ଅଭିମନ୍ୟୁ ନାୟକ)

ବୁଦ୍ଧନାଥ ଉଚ୍ଚ ବିଦ୍ୟାଳୟର ୬୪ ତମ ବାର୍ଷିକ ଉତ୍ସବ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ରାଣୀ ମହାପାତ୍ରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ପ୍ରଜ୍ଞା ପାରମିତା ଜେନା, ସମ୍ମାନିତ ଅତିଥି ସହ ଶିକ୍ଷା ଅଧିକାରୀ ମଞ୍ଜୁଲତା ରାଉତରାୟ, ପରିଚାଳନା କମିଟି ସଭାପତି ଜୟନ୍ତ କୁମାର ଓଝା ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଓ ଫଳକ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ରଶ୍ମିତା ବେହେରା ସଂଯୋଜନା କରିଥିଲେ। ଛାତ୍ରୀଛାତ୍ର ପ୍ରାରମ୍ଭରେ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ଯୁବକଙ୍କୁ ଆକ୍ରମଣ ଘଟଣା,ଆଉ ୨ ଗିରଫ

ଭୁବନେଶ୍ୱର,୩।୨
(ସୂର୍ଯ୍ୟକାନ୍ତ ବେହେରା)

ଗାଡି ଧକ୍କା ହେବାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ଆଉ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଡୁମୁଡୁମା ପାଲାମଣ୍ଡପ ଅଞ୍ଚଳର ଗଙ୍ଗାଧର ସାହୁ ଓ ଆଶିଷ କୁମାର ମାଲୁ। ସୂଚନାନୁସାରେ ୨୦୨୩ ସେପ୍ଟମ୍ବର ୭ ସନ୍ଧ୍ୟାରେ ଗୌରୀ ଶଙ୍କର ରାଉତ ଆଇଟିଇଆର କଲେଜ ନିକଟରେ ଥିବା ଏକ ଦୋକାନରୁ କଫି ପିଇ ବାଇକ ଯୋଗେ ଘରକୁ ଫେରିବା ବେଳେ ଉକ୍ତ କଲେଜ ଗେଟ ନିକଟରେ ଦୁଇ ଅଭିଯୁକ୍ତ ଏବଂ ତାଙ୍କର ଅନ୍ୟ ଦୁଇ ସହଯୋଗୀ ଗାଡି ଧକା ହେବାକୁ କେନ୍ଦ୍ର କରି ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ପ୍ରବଳ ମା ମାରିଥିଲେ ଏବଂ ତାଙ୍କ ଗାଡିକୁ ଛଡାଇ ନେଇଯାଇଥିଲେ। ଏନେଇ ଗୌରୀ ଅଭିଯୋଗ କରିବା ପରେ ପୂର୍ବରୁ ପୋଲିସ ୨ ଜଣଙ୍କୁ ଗିରଫ କରିଥିବା ବେଳେ ୫ ମାସ ପରେ ଆଉ ୨ ଜଣଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରିଛି।

### ଜମି କିଣାକୁ ନେଇ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର,୩।୨
(ସୂର୍ଯ୍ୟକାନ୍ତ ବେହେରା)

ଜମି କିଣାକୁ କେନ୍ଦ୍ରକରି ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରିବା ଅଭିଯୋଗରେ ବଡଗଡ ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ସ୍ଥାନୀୟ ଥାନା ଅଞ୍ଚଳରେ ରହୁଥିବା କଟକର ଅଜୟ କୁମାର ଜେନା।

ସୂଚନାନୁସାରେ ପାଣ୍ଡରା ମୌଜାରେ ଅଭିଯୋଗକାରୀ ହଟକିଶୋରଙ୍କ ଏକ ଜମି ଅଛି। ଅଭିଯୁକ୍ତ ଉକ୍ତ ମୌଜାରେ ଜମି କିଣିବା ଲାଗି ଚାହିଁଥିଲେ। ଶୁକ୍ରବାର ଜମି କିଣାକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ସେଠାରେ ଅଭିଯୁକ୍ତ ଜଣକ ହଟକିଶୋରଙ୍କୁ ଗାଳିଗୁଲଜ କରିବା ସହିତ ମରଣାନ୍ତକ ଆକ୍ରମଣ କରିଥିଲେ ଏବଂ ଜୀବନରୁ ମାରିଦେବାର ଧମକ ମଧ୍ୟ ଦେଇଥିଲେ। ଏଥିରେ ଅଭିଯୋଗକାରୀ ଜଣକ ଗୁରୁତର ଆହତ ହୋଇଥିଲେ। ଏନେଇ ମାମଲା ରୁଜୁ ହେବା ପରେ ପୋଲିସ ତଦନ୍ତ କରି ଏଭଳି ପଦକ୍ଷେପ ଗ୍ରହଣ କରିଛି। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଜଗତସିଂହପୁର ଓ ରାଉରକେଲାର ଲହୁଣିପଡା ଥାନାରେ ୨ଟି ଅପରାଧିକ ମାମଲାରେ ସମ୍ପୃକ୍ତ ଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।

# ଆରମ୍ଭ ହେଲା ଏକାମ୍ର ଉତ୍ସବ

## ଆନମନା କଲା ଅକ୍ଷୟ ସଙ୍ଗୀତ

ଭୁବନେଶ୍ୱର, ୩।୨ (ବନ୍ଦନା ସେଠୀ)

ବର୍ଷକ ପରେ ପୁଣି ଥରେ ନୂଆ ରୂପରେ ଫେରିଛି ସିଟିଫେଷ୍ଟ। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ଓଡ଼ିଆ ଭାଷା, ସଂସ୍କୃତିର ଅନ୍ୟତମ ଅଂଶ ସ୍ୱରୂପ ଶନିବାର ଠାରୁ ଆରମ୍ଭ ହୋଇଛି 'ଏକାମ୍ର ଉତ୍ସବ'। ବିଡ଼ିଏ ପକ୍ଷରୁ ପ୍ରଦର୍ଶନୀ ପଡ଼ିଆ ଠାରେ ଆୟୋଜିତ ଏହି ଉତ୍ସବକୁ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଉଷା ଦେବୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଜ୍ଞାନ ଓ କାରିଗରି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ପର୍ଯ୍ୟଟନ ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର, ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂ, ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ, ମତ୍ସ୍ୟ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ସିଦ୍ଦିକ୍ ଆଲାମ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିକୁ ଭଲପାଇବା ସହ ନିଜକୁ ଓଡ଼ିଆ ଭାବେ ଗର୍ବିତ ଅନୁଭବ କରିବା ବୋଲି ଅତିଥିମାନେ ମତ ଦେଇଥିଲେ।

ଉତ୍ସବରେ ଆକର୍ଷଣୀୟ ଆଲୋକମାଳା ସହ ଆତସବାଜିର ଅଦ୍ଭୁତ ସମାରୋହ ଆଖି ଝଲସାଇ ଦେଇଥିଲା। ତା' ସାଙ୍ଗକୁ ଶୀତୁଆ ସନ୍ଧ୍ୟାରେ 'ସଙ୍ଗୀତର ମୂର୍ଚ୍ଛନା' କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଥିଲା। ଓଡ଼ିଆ ସଙ୍ଗୀତ ଜଗତର ମୁକୁଟ ବିହୀନ ସମ୍ରାଟ ତଥା ବାଦ୍‌ଶା ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ସଙ୍ଗୀତର ସୁରେସୁରେ ଶ୍ରୋତା ହଜିଯାଇଥିଲେ। ଶ୍ରୋତାଙ୍କ ମନରେ ଆଙ୍କି ହୋଇଯାଇଥିଲା ଖୋକା ଭାଇଙ୍କ ଛବି। କଣ୍ଠଶିଳ୍ପୀ ଅଭିରାମ ଖୁଣ୍ଟିଆଙ୍କ କଣ୍ଠରେ ଅକ୍ଷୟ ମହାନ୍ତିଙ୍କ ଗୀତ 'ତୋ ବିନା ଲାଗେନା ଭଲ କିଛି', 'ଏଇନା ଚିହ୍ନା ଏଇନା ଏଇନା ଜଣା'... କିଛି ସମୟ ପାଇଁ ପୁରୁଣା ଦିନକୁ ଫେରାଇ ନେଇଥିଲା। ତାଙ୍କ ପରେ ଶିଳ୍ପୀ ଶିଉଳି ଘୋଷ, ରାଜେଶ ଶତପଥୀ, ଜ୍ୟୋତିର୍ମୟୀ ନାୟକ, କୃଷ୍ଣଚନ୍ଦ୍ର ସେଠୀ, ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ପୁଅ ଚିତ୍ରଭାନୁ ମହାନ୍ତିଙ୍କ କଣ୍ଠରୁ ଅନେକ ଲୋକପ୍ରିୟ ସଙ୍ଗୀତ ମଞ୍ଚରେ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ଅଭିନେତା ପୁପିନ୍ଦର ଏବଂ ଉପସ୍ଥାପିକା ଗୁନ୍‌ଗୁନ୍ ସଞ୍ଚାଳନ କରିଥିଲେ। ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ସନ୍ଧ୍ୟାରେ ସଙ୍ଗୀତ ମୂର୍ଚ୍ଛନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।



ଅକ୍ଷୟ ମହାନ୍ତିଙ୍କ ପୁଅ ଚିତ୍ରଭାନୁ ମହାନ୍ତି ଓ ଅନ୍ୟ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।




କଣ୍ଠଶିଳ୍ପୀ ଅନନ୍ୟା ଶ୍ରୀତମ ନନ୍ଦ ଗୀତ ଗାଉଛନ୍ତି।

## ଭୂ ଫେଷ୍ଟୋ: କାହାଣୀ ଶୁଣାରେ ମଜିଲେ ପିଲା

ମନୋରଞ୍ଜନ ସହିତ ଏକାମ୍ର ଉତ୍ସବରେ ଶନିବାରଠାରୁ ଆରମ୍ଭ ହୋଇଛି 'କାହାଣୀ ଉତ୍ସବ ବା ଭୂ ଫେଷ୍ଟୋ'। କାହାଣୀ ଉତ୍ସବରେ ପ୍ରତିଦିନ ଓଡ଼ିଶାର ସଂସ୍କୃତି ସହିତ ମଜାଳିଆ ଓଡ଼ିଆ ଗପ ଶୁଣିବେ ରାଜଧାନୀବାସୀ। ପ୍ରଥମ ଦିନରେ ଇନ୍ଦିରା ଗାନ୍ଧୀ ପାର୍କ, ବୁଦ୍ଧ ଜୟନ୍ତୀ ପାର୍କ, ଏପିଜେ ଅବଦୁଲ କାଲାମ ପାର୍କ ଏବଂ କଳାଭୂମି ଠାରେ କାହାଣୀ ଶୁଣିଥିଲେ। କିଏ ବାଘମାମୁଁ ଗପ କହିବାବେଳେ ଆଉ କିଏ ମାଣ୍ଡିଆକୁ ନେଇ କାହାଣୀ ଶୁଣାଇଥିଲେ। ବିଶେଷକରି ଓଡ଼ିଶାର କଥାକୁନେଇ କାହାଣୀ ପରିବେଷଣ ହୋଇଥିଲା, ଯାହାକି ପିଲାମାନଙ୍କ ମନୋରଞ୍ଜନ ସହିତ ଅନେକ ଶିକ୍ଷଣୀୟ ତଥ୍ୟ ଯୋଗାଇଥିଲା। ଏଥିସହ ଆଇଜି ପାର୍କରେ ପିଲାମାନଙ୍କ ପାଇଁ ଭୁଲଭୁଲେୟା ମିରର୍ ରଖାଯାଇଥିଲା। ପିଲାମାନେ ଖୁସିର ସହ ସେଥିରେ ମନକଥା ଲେଖିବା ସହ ଛବି ଆଙ୍କୁଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମ ନେଇ ବକୁଳ ଫାଉଣ୍ଡେଶନ୍‌ର ମୁଖ୍ୟ ସୁଜିତ୍ ମହାପାତ୍ର କହିଛନ୍ତି, ୨୦୧୮ରେ ଏଭଳି ଏକ ନିଆରା ପରିକଳ୍ପନା ମୋ ମନକୁ ଆସିଥିଲା। ପ୍ରଥମେ ଅନେକ ଲୋକ ଏହାର ସଫଳତା ନେଇ ଆଶଙ୍କା ପ୍ରକାଶ କରିଥିଲେ। ମାତ୍ର ଏ ୬ ବର୍ଷ ଭିତରେ କାହାଣୀ କହିବାକୁ ନେଇ ଅନେକ ଆଗ୍ରହ ବଢିଛି। ପ୍ରତିଦିନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଗପ ଶୁଣିବା ପାଇଁ ପ୍ରତି ପାର୍କକୁ ୨୫୦ଜଣ ଛାତ୍ରୀଛାତ୍ର ଅର୍ଥାତ୍ ୧ହଜାର ପିଲାଙ୍କୁ ପଠାଇବ। ଚଳିତ ବର୍ଷ ପିଲାଙ୍କ ସହ ବଡ଼ମାନଙ୍କ ମନୋରଞ୍ଜନ ନେଇ ଫୋକସ୍ କରାଯାଇଛି। ରବିବାର ଆଇଜି ପାର୍କରେ କେବଳ ମଜାଳିଆ କାହାଣୀକୁ ନେଇ ଗପ ପରିବେଷଣ କରାଯିବ। ଯାହାକି ଉଭୟ ପିଲା ଏବଂ ବଡ଼ଙ୍କ ପାଇଁ ଉଦ୍ଦିଷ୍ଟ। ସେହିପରି ଶେଷଦିନ ସୋମବାର ଦିନ ଆତ୍ମଜୀବନୀକୁ ନେଇ କାହାଣୀ ପରିବେଷଣ କରାଯିବ ବୋଲି ସୁଜିତ୍ କହିଛନ୍ତି।



କାହାଣୀକାର ଶାଶ୍ୱତୀ ପିଲାଙ୍କୁ କାହାଣୀ ଶୁଣାଉଛନ୍ତି।



ମାସ୍କଟ ସହ ପିଲାମାନେ ମଜା କରୁଛନ୍ତି।



ଭୁଲ୍‌ଭୁଲୟା ମିରରରେ ପିଲାମାନେ ଛବି ଆଙ୍କୁଛନ୍ତି।



ରଙ୍ଗାରଙ୍ଗ ଆତସବାଜି କାର୍ଯ୍ୟକ୍ରମ।

## ଆମ ବ୍ୟଞ୍ଜନରେ ଓଡ଼ିଆ ଖାଦ୍ୟର ପସରା



ଏକାମ୍ର ଉତ୍ସବର ଅନ୍ୟତମ ମୁଖ୍ୟ ଆକର୍ଷଣ ସାଜିଛି 'ଓଡ଼ିଆ ବ୍ୟଞ୍ଜନ'। ମିଶନ ଶକ୍ତିଠାରୁ ଆରମ୍ଭ କରି ତାରକା ହୋଟେଲ ପର୍ଯ୍ୟନ୍ତ ସମସ୍ତେ ଗୋଟିଏ ସ୍ଥାନରେ ନିଜର ଖାଦ୍ୟର ସ୍ୱାଦ ବାଢୁଛନ୍ତି। ସୁଲଭ ମୂଲ୍ୟରେ ଭଳିକି ଭଳି ଓଡ଼ିଆ ବ୍ୟଞ୍ଜନର ପସରା ମେଲିଛି। ମିଶନ ଶକ୍ତି ପକ୍ଷରୁ ଓଡ଼ିଆ ପିଠାମିଠା ମେନ୍ୟୁରେ ଆରିଷା, କରଞ୍ଜି, ମଗଜ ଲଡୁ, ମାଲପୁଆ, ଛେନାପୋଡ଼ଠାରୁ ଆରମ୍ଭ କରି ଆଦିବାସୀ ଖାଦ୍ୟରେ ଖାସେରି ପକୋଡ଼ି, ଢେଙ୍କାନାଳ ବରା, କଟକ ଦହିବରା ଆଳୁଦମ, ହାଣ୍ଡି ସରବତ ପରି ଓଡ଼ିଆ ଖାଦ୍ୟ ରହିଛି। ସେହିପରି କୋରାପୁଟ କଫି ଓ ମିଲେଟ୍ ମିଶନ ଦ୍ୱାରା ଲୋକଙ୍କୁ ମିଲେଟ୍ ତିଆରି ଲଡୁ ପିଠା ସହିତ କୋରାପୁଟର ପ୍ରସିଦ୍ଧ କଫି ପିଇବାର ସୁଯୋଗ ରହିଛି। ଅପରପକ୍ଷେ ଚଳିତଥର ଖାଦ୍ୟ ମେଳାରେ ବଡବଡ଼ ତାରକା ହୋଟେଲ ପକ୍ଷରୁ ପ୍ରସ୍ତୁତ ଖାଣ୍ଟି ଓଡ଼ିଆ ବ୍ୟଞ୍ଜନ ଉତ୍ସବର ଆକର୍ଷଣ ପାଲଟିଛି। ଚଳିତଥର ମୋଟ ୨୦ଟି ଖାଦ୍ୟ ଷ୍ଟଲ ପଡିଛି। ଅପରପକ୍ଷେ ସୁଆଦିଆ ଖାଦ୍ୟ ସାଙ୍ଗକୁ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ କରାଯାଉଛି। ଶନିବାର ଉଦ୍‌ଘାଟନ ଅବସରରେ ଗୋଟିପୁଅଠାରୁ ଆରମ୍ଭ କରି, ଯୋଡିଶଙ୍ଖ ଏବଂ ଅନ୍ୟାନ୍ୟ ପାରମ୍ପରିକ ନୃତ୍ୟ ପରିବେଷଣ ହୋଇଥିଲା।

## ଆଞ୍ଚଳିକ ଭାଷା ଓ ମାତୃଭାଷାର ମହତ୍ତ୍ୱ ବୁଝିବା ଉଚିତ

ଭୁବନେଶ୍ୱର,୩।୨(ଶର୍ମିଷ୍ଠା ପାଣିଗ୍ରାହୀ)

ଆମେ ସମସ୍ତେ ଇଂରାଜୀ ପଛରେ ପଡ଼ି ଓଡ଼ିଆ ଭାଷା-ସାହିତ୍ୟରୁ ଦୂରେଇ ଯିବା ଆଦୌ ଶୁଭଙ୍କର ନୁହେଁ। ଆଞ୍ଚଳିକ ଭାଷା ଓ ମାତୃଭାଷାର ମହତ୍ତ୍ୱ ବୁଝିବା ଉଚିତ। ଓଡ଼ିଆ ପରି ଏକ ଶାସ୍ତ୍ରୀୟ ଭାଷାର ବ୍ୟବହାରକୁ ବ୍ୟାପକ କରିବା ଦିଗରେ ସବୁ ମହଲରୁ ଉଦ୍ୟମ ହେବା ଉଚିତ। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ପ୍ରଥମ ଦିବସରେ ଆୟୋଜିତ 'ଓଡ଼ିଆ ଭାଷାର ଉଦ୍‌ଭବ ଓ ବିକାଶ' ଶୀର୍ଷକ ଆଲୋଚନା ସଭାରେ ଅତିଥିମାନେ ଏହି ମର୍ମରେ ମତ ବ୍ୟକ୍ତ କରିଛନ୍ତି। ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଭାଷା ବିଜ୍ଞାନୀ ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସ୍ୱଭାବ କବି ଗଙ୍ଗାଧର ମେହେର କକ୍ଷରେ ଆୟୋଜିତ ଏହି ଆଲୋଚନା ସଭାରେ ଅତିଥିମାନେ ଓଡ଼ିଆ ଭାଷାର ପ୍ରାଚୀନତା ଓ ବିକାଶକୁ ନେଇ ସାରଗର୍ଭକ ବକ୍ତବ୍ୟ ଉପସ୍ଥାପନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ପ୍ରଫେସର ଡ. ସବିତା ପ୍ରଧାନ, ଐତିହସିକ ଓ ପ୍ରତ୍ନତତ୍ତ୍ୱବିଦ୍ ପ୍ରଫେସର ସୁବ୍ରତ କୁମାର ଆଚାର୍ଯ୍ୟ, ବିଶିଷ୍ଟ ଲିପିତତ୍ତ୍ୱବିଦ୍ ଡ. ଅନିର୍ବାଣ ଦାସ, ବିଶିଷ୍ଟ କବି ତଥା ସୁସମାଲୋଚକ ଡ. ପ୍ରସନ୍ନ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଭାଷାବିତ୍ ତଥା ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ସହକାରୀ ପ୍ରଫେସର ଡ. ଦେବାଶିଷ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟର ଛାତ୍ରୀ ଦିବ୍ୟାନୀ ପଟ୍ଟନାୟକ ମଧ ବକ୍ତବ୍ୟ ରଖିଥିଲେ।

## ପଞ୍ଚାୟତ, ବିଦ୍ୟାଳୟରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

ବାଲିଅନ୍ତା୩।୨(ନୀଳମାଧବ ସାହୁ)

ବାଲିଅନ୍ତା ପଞ୍ଚାୟତ ଓ ଜବାହରଲାଲ ନେହେରୁ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଶନିବାର ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନିକୁଞ୍ଜ ବିହାରୀ କଲ୍ୟାଣ ମଣ୍ଡପ ପରିସରରେ ପଞ୍ଚାୟତ ପକ୍ଷରୁ ଆୟୋଜିତ ସମ୍ମିଳନୀରେ ସରପଞ୍ଚ କୃଷ୍ଣ କେଶବ ଆପଟ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜବାହରଲାଲ ନେହେରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଜୟନ୍ତୀବାଳାମହାନ୍ତିସଭାପତିତ୍ୱକରିଥିଲେ।

## ଓଡ଼ିଆ ଭାଷା, ସାହିତ୍ୟର ବିକାଶ ପାଇଁ ସମସ୍ତଙ୍କ ଉଦ୍ୟମ ଲୋଡ଼ା

ବାଲିପାଟଣା,୩।୨(ଅଭିମନ୍ୟୁ ନାୟକ)

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦଘାଟନୀ ଅବସରରେ ବାଲିପାଟଣା ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓ ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀଙ୍କ ଅଧ୍ୟକ୍ଷତାରେ ଏକ ସାହିତ୍ୟ ସଭା ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟାପକ ଭବାନୀ ଶଙ୍କର ଦାଶ, ତନୟା ଦାସ ଗୋସ୍ୱାମୀ, ଦେବେନ୍ଦ୍ର ସେନାପତି, ଅଭିମନ୍ୟୁ ନାୟକ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ ପାଇଁ ସମସ୍ତଙ୍କ ଉଦ୍ୟମ ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ବନ୍ଦେ ଉତ୍କଳ ଜନନୀ ଗାନ, କବିତା ପାଠ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଗୋଟିପୁଅ ଓ ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ଶ୍ରୀଜଗନ୍ନାଥ ଆମର ସାଥୀ ଓ ସାରଥି'

ଭୁବନେଶ୍ୱର, ୩।୨(ଅସମାପିକା ସାହୁ)

ଶ୍ରୀଜଗନ୍ନାଥ ସମସ୍ତ ଚେତନାର ପ୍ରତୀକ। ସେ ଆମର ସାଥୀ ଓ ସାରଥି। ଓଡ଼ିଆ ଜାତିର ଅସ୍ମିତା ଓ ସମ୍ଭାବନାର ପରିଚୟ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ ବୋଲି ତିରୁପତିସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ଖ୍ୟାତନାମା ବିଦ୍ୱାନ ପ୍ରଫେସର ହରେକୃଷ୍ଣ ଶତପଥୀ ପ୍ରକାଶ କରିଛନ୍ତି। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ଶନିବାର ପ୍ରଥମ ଦିବସରେ ଆଦିକବି ସାରଳା ଦାସ ପ୍ରକୋଷ୍ଠରେ ଜଗନ୍ନାଥ ଚେତନା ସମ୍ପର୍କିତ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ସୁରେନ୍ଦ୍ରନାଥ ଦାସ 'ବିଶ୍ୱ ଚେତନାରେ ଶ୍ରୀଜଗନ୍ନାଥ' ଶୀର୍ଷକ ପ୍ରସଙ୍ଗରେ କହିଛନ୍ତି, ଶ୍ରୀଜଗନ୍ନାଥ କେବଳ ଓଡ଼ିଶା କି ଭାରତର ଦେବତା ନୁହନ୍ତି, ବରଂ ସମଗ୍ର ବିଶ୍ୱର ରହସ୍ୟମୟ ଦେବତା। ସେ ଦାରୁ ଦେବତା ନୁହନ୍ତି, ବରଂ ଚଳନ୍ତି ବିଷ୍ଣୁ ପ୍ରତିମା। ସ୍ତମ୍ଭକାର ଅସିତ ମହାନ୍ତି କହିଛନ୍ତି, ଶ୍ରୀମନ୍ଦିରରେ ପ୍ରଚଳିତ ଦୁଇଟି ଯାତ୍ରା-ସ୍ନାନଯାତ୍ରା ଓ ଶ୍ରୀଗୁଣ୍ଡିଚା ଯାତ୍ରାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରରୁ ବାହାରି ବିଜେ ହୋଇଥାନ୍ତି। କିନ୍ତୁ ଅବଶିଷ୍ଟ ଯାତ୍ରାଗୁଡ଼ିକରେ ଉତ୍ସବ ସମୟରେ ଆଜ୍ଞାମାଳ ପ୍ରଦାନ କରିଥାନ୍ତି। ଅନ୍ୟତମ ଆଲୋଚକ ତଥା ସଂସ୍କୃତି ଗବେଷକ-ଲେଖକ ଡ. ଭାସ୍କର ମିଶ୍ର ମହାପ୍ରଭୁଙ୍କ ଦିବ୍ୟଶ୍ରୀ ମହାପ୍ରସାଦର ମହାତ୍ମ୍ୟ ଏବଂ ଏହାର ଅନନ୍ୟ ପ୍ରସ୍ତୁତି ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରିଥିଲେ। ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ବିଶିଷ୍ଟ ବିଦ୍ୱାନ ଡ. ସୁବାସ ପାଣି ଏଥିରେ ପୌରୋହିତ୍ୟ କରି କହିଥିଲେ, ଶ୍ରୀଜଗନ୍ନାଥ ହେଉଛନ୍ତି ଚକାଡୋଳା ଏବଂ ସମଗ୍ର ବିଶ୍ୱବାସୀଙ୍କ ଆପଣାର ଦେବତା। ତାଙ୍କୁ ଦର୍ଶନ କଲେ ଅନନ୍ୟ ଦିବ୍ୟଭାବ ସୃଷ୍ଟି ହୋଇଥାଏ। ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଛାତ୍ର ସତ୍ୟବ୍ରତ ଦାସ ମଧ୍ୟ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଜଗନ୍ନାଥ ଚେତନା ସମ୍ବଳିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର କମିଶନର ତଥା ଶାସନ ସଚିବ ସୁଜାତା ଆର୍. କାର୍ତ୍ତିକେୟନ୍ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।






ଭୁବନେଶ୍ୱର ଜନତା ମଇଦାନରେ ଶନିବାର ଉଦ୍‌ଘାଟିତ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନଙ୍କ ସହ ସାଉଥ୍-ଇଷ୍ଟ ଏସିଆନ୍ ହିଷ୍ଟ୍ରୀର ପ୍ରଫେସର ଆର୍ଲୋ ଗ୍ରୀଫିଥ୍‌ସ୍।



ସମ୍ମିଳନୀରେ ଯୋଗଦେଇଥିବା ଶିଳ୍ପପତି ନବୀନ ଜିନ୍ଦଲଙ୍କ ପତ୍ନୀ ସାଲୁ ଜିନ୍ଦଲ।



ସମ୍ମିଳନୀସ୍ଥଳ ବାହାରେ ବିଶିଷ୍ଟ ଚିତ୍ରଶିଳ୍ପୀ ଯତୀନ ଦାସ ଗପ ଶୁଣୁଛନ୍ତି। (ଫଟୋ: ବିକାଶ ନାୟକ)

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩।୨।୨୦୨୪

| | |
|---|---|
| ୪,୩୧,୯୫୬ ଟଙ୍କା | |
| ସୁନା | ୧୪.୨୦୦ ଗ୍ରାମ୍ |

# ମେଳାରୁ ୩ କୋଟିରୁ ଉର୍ଦ୍ଧ୍ୱ ବ୍ୟବସାୟ

### ଶ୍ରୀଜଗନ୍ନାଥ ଗାନ୍ଧୀ ଶିଳ୍ପ ବଜାର-୨୦୨୪ ଉଦ୍‌ଯାପିତ

**ପୁରୀ,୩।୨(ଅଜିତ୍ ମହାନ୍ତି):**

ଶ୍ରୀ ଶ୍ରୀକ୍ଷେତ୍ର ସୂଚନା, ପୁରୀ ଦ୍ୱାରା ଆୟୋଜିତ ଓ ହସ୍ତଶିଳ୍ପ ବିକାଶ ଆୟୁକ୍ତ, ନୂଆଦିଲ୍ଲୀ ଓ ବସ୍ତ୍ର ମନ୍ତ୍ରଣାଳୟ, ଭାରତ ସରକାର, ନୂଆଦିଲ୍ଲୀଙ୍କ ଦ୍ୱାରା ପ୍ରାୟୋଜିତ ୧୦ ଦିବସୀୟ ଶ୍ରୀଜଗନ୍ନାଥ ଜାତୀୟ ଗାନ୍ଧୀ ଶିଳ୍ପ ବଜାର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଚଳିତବର୍ଷ ମେଳାରେ ୩ କୋଟିରୁ ଉର୍ଦ୍ଧ୍ୱ ବ୍ୟବସାୟ ହୋଇଛି। ଏହି ବଜାର ଗତ ଜାନୁଆରୀ ୨୫ ତାରିଖଠାରୁ ପୁରୀ ବେଳାଭୂମିଠାରେ ୨ଶହ ହସ୍ତଶିଳ୍ପ ଓ ହସ୍ତତନ୍ତ କାରିଗରଙ୍କୁ ନେଇ ଆୟୋଜନ କରାଯାଇଥିଲା। କାରିଗରଙ୍କ ହାତ ତିଆରି ହସ୍ତଶିଳ୍ପ ସାମଗ୍ରୀଗୁଡ଼ିକର କିପରି ଲୋକାଭିମୁଖୀ କରାଯିବ ଓ ସେମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି ଘଟିପାରିବ, ତାହା ଏହି ବଜାରର ମୁଖ୍ୟ ଲକ୍ଷ୍ୟ ଥିଲା। ବଜାରରେ ଭାରତର ବିଭିନ୍ନ ରାଜ୍ୟ ଯଥା ରାଜସ୍ଥାନ, ଆସାମ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ପଣ୍ଡିଚେରୀ, ଗୁଜରାଟ, ପଶ୍ଚିମବଙ୍ଗ, ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ଛତିଶଗଡ଼, ନୂଆଦିଲ୍ଲୀ ପ୍ରଭୃତି ୨୨ଟି ରାଜ୍ୟର କାରିଗରମାନେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଦସ୍ୟ ଦୁର୍ଗାପ୍ରସାଦ ଦାସମହାପାତ୍ର, ମାଧବ ଚନ୍ଦ୍ର ପୂଜାପଣ୍ଡା, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀ ସଦାଶିବ ପରିସର ନିର୍ଦ୍ଦେଶକ ପ୍ରଫେସର ଅତୁଲ ନନ୍ଦ ଓ ଶ୍ରୀ ଜଗନ୍ନାଥ ମନ୍ଦିର ପୂଜାପଣ୍ଡା ନିଯୋଗ ସଭାପତି ଜଗନ୍ନାଥ ପୂଜାପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଶ୍ରୀଜଗନ୍ନାଥ ଗାନ୍ଧୀ ଶିଳ୍ପ ବଜାର ପ୍ରତ୍ୟେକ ବର୍ଷ ଜାନୁଆରୀ ମାସରେ ପୁରୀ ବେଳାଭୂମିରେ ଆୟୋଜନ କରିବାକୁ ବଜାରରେ ଭାଗ ନେଇଥିବା କାରିଗର ପ୍ରଧାନମନ୍ତ୍ରୀ ମୋଦିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଧାୟକଙ୍କ ମାଧ୍ୟମରେ ପ୍ରଦାନ କରିଥିଲେ। ସମସ୍ତ ହସ୍ତଶିଳ୍ପ କାରିଗରଙ୍କୁ ଶ୍ରୀଶ୍ରୀକ୍ଷେତ୍ର ସୂଚନା ଅନୁଷ୍ଠାନ ପକ୍ଷରୁ ଅଂଶଗ୍ରହଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପୁରୀର ସାଂସ୍କୃତିକ ଅନୁଷ୍ଠାନ ପ୍ରଶାନ୍ତି ନୃତ୍ୟମନ୍ଦିର ଓ ନାଚଘର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅନୁଷ୍ଠାନ ସମ୍ପାଦକ ରାଜେଶ ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନ ଉପସଭାପତି ଭରତ ନାୟକ, କୋଷାଧ୍ୟକ୍ଷ ନାରାୟଣ ପାତ୍ର, ସଂଗଠନ ସମ୍ପାଦକ ସତ୍ୟବ୍ରତ ଦାସ, ଯୁଗ୍ମ ସମ୍ପାଦକ ସଂଗ୍ରାମ କାନୁନ୍‌ଗୋ, ବିଦ୍ରୋହ କେଶରୀ ସିଂ, ଦେବେନ୍ଦ୍ର ମହାପାତ୍ର, ଦାମୋଦର ଶତପଥୀ, ବରିଷ୍ଠ ସଭ୍ୟ ପୁଷ୍କର ସାହୁ, ପ୍ରଶାନ୍ତ ସାହୁ, ପୂର୍ଣ୍ଣଚନ୍ଦ୍ର ଓଝା ଓ ସତ୍ୟ ନାରାୟଣ ମହାରଣା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ଶ୍ରୀଜଗନ୍ନାଥ ଗାନ୍ଧୀ ଶିଳ୍ପ ବଜାର ଉଦ୍‌ଯାପିତ ଉତ୍ସବରେ ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀ ଓ କଳାକାରମାନେ।

## ସଂକ୍ଷେପରେ

### ଆଜିଠୁ ଭକ୍ତ ପାଇବେ ଅର୍ପଣ ଚାଉଳରେ ପ୍ରସ୍ତୁତ ମହାପ୍ରସାଦ

**ପୁରୀ,୩।୨(ଅଜିତ୍ ମହାନ୍ତି):**

ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ଭକ୍ତଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଅର୍ପଣ ରଥରୁ ସଂଗୃହୀତ ଅକ୍ଷତ ଚାଉଳରେ ଖେଚୁଡ଼ି ଓ କାନିକା ପ୍ରସ୍ତୁତ କରାଯାଇ ଭକ୍ତଙ୍କୁ ବଣ୍ଟାଯିବ। ରବିବାରଠାରୁ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯିବ। ଅକ୍ଷତ ଚାଉଳର ମାନ ପରୀକ୍ଷା ପରେ ମହାପ୍ରସାଦ ପ୍ରସ୍ତୁତ ହେବ। ସିଂହଦ୍ୱାର ବ୍ୟତୀତ ଅନ୍ୟ ୩ ଦ୍ୱାରରେ ଭକ୍ତଙ୍କୁ ଅକ୍ଷତ ଚାଉଳରୁ ପ୍ରସ୍ତୁତ ମହାପ୍ରସାଦ ବଣ୍ଟନ କରାଯିବ। ଅପରପକ୍ଷେ ଗଞ୍ଜାମ ଜିଲାରୁ ଅର୍ପଣ ରଥରେ ସଂଗୃହିତ ହୋଇଥିବା ଚାଉଳ ୧ ଟ୍ରକ ଯୋଗେ ଆସି ଶ୍ରୀମନ୍ଦିରରେ ଶନିବାର ପହଞ୍ଚିଥିବା ସୂଚନା ମିଳିଛି। ତେବେ ଏନେଇ ଶନିବାର ସୁଆର ମହାସୁଆର ନିଯୋଗର ଏକ ବୈଠକ ହୋଇଥିଲା।

### ୪ ମହାପୁରୁଷଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପନ

**ସାକ୍ଷୀଗୋପାଳ,୩।୨ (ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର):**

ସତ୍ୟବାଦୀ ବ୍ଲକ ଅଧୀନ ଦୁଗଲ ଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଓଡ଼ିଶାର ମହାପୁରୁଷ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ଜୟୀ ରାଜଗୁରୁ, ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଅବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଶନିବାର ଉନ୍ମୋଚିତ ହୋଇଯାଇଛି। ବିଦ୍ୟାଳୟରେ ମହାପୁରୁଷଙ୍କ ଏହି ମୂର୍ତ୍ତି ସ୍ଥାପନ ନିମନ୍ତେ ଏସ୍ସି ହସ୍ପିଟାଲ ପୂର୍ବତନ ଅଧ୍ୟକ୍ଷ ଡା. ଅଶୋକ ମହାପାତ୍ର, ଉତ୍କଳ ସ୍ୱାଭିମାନ ମଞ୍ଚ ସଭାପତି ବି ରାଧାକାନ୍ତ ଦାସ, ଡା. ଜଟାଧାରୀ ମିଶ୍ର, ବ୍ଲକ ଶିକ୍ଷାଧିକାରୀ ଭବାନୀ ପ୍ରଧାନ, ଖବରଦାତା ଧୀରେନ୍ଦ୍ର ଦାସ, ଆଇନଜୀବୀ ସୁଶାନ୍ତ ରଥ, ଜଗନ୍ନାଥ ରଥ, କୃଷ୍ଣଚନ୍ଦ୍ର ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁକାନ୍ତ ଜେନା, ବିଦ୍ୟାଳୟ ପୂର୍ବତନ ଛାତ୍ର ଅକ୍ଷୟ ଛାଟୋଇ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

### ନାବାଳିକାଙ୍କୁ ବଳାତ୍କାର କରି ଅଭିଯୁକ୍ତ ଗିରଫ

**ବଳଙ୍ଗା,୩।୨(କେଦାରେଶ୍ୱର ନନ୍ଦ):**

ବିବାହ ପ୍ରତିଶ୍ରୁତି ଦେଇ ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ବଳଙ୍ଗା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଉକ୍ତ ଥାନା ଅଧୀନ ବଡନିମିଁଙ୍ଗା ଗ୍ରାମର ସୁକାନ୍ତ ସାହୁ। ପୋଲିସ ଏନେଇ ପୋକ୍‌ସୋ ଆକ୍ଟରେ ୩୫/୨୪ରେ ଏକ ମାମଲା ରୁଜୁ କରି ସୁକାନ୍ତ ଏବଂ ନାବାଳିକାଙ୍କ ଡାକ୍ତରୀ ମାଇନା କରାଇବା ସହ ତଦନ୍ତ ଚଳାଇଛି।

# ଓଷ୍ଟାର ୧୧ ଦଫା ଦାବି ନେଇ ଶୋଭାଯାତ୍ରା

**ପୁରୀ,୩।୨(ଅଜିତ୍ ମହାନ୍ତି):**

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ୧୧ ଦଫା ଦାବି ନେଇ ଶନିବାର ଏକ ବିକ୍ଷୋଭ ଶୋଭାଯାତ୍ରା ସହ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମୁଖ୍ୟତଃ ସରକାରଙ୍କ ଶିକ୍ଷା ଓ ଶିକ୍ଷକ ମାରଣ ନୀତିକୁ ନେଇ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦାବିଗୁଡ଼ିକ ହେଲା- ଯୋଗ୍ୟ ବିବେଚିତ ବିଦ୍ୟାଳୟଗୁଡ଼ିକୁ ଅନୁଦାନ ପ୍ରଦାନ, ୨୨୬ ଓ ୩୧୯ ବିଦ୍ୟାଳୟଗୁଡ଼ିକୁ ସପ୍ତମ ବେତନ କମିଶନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପେନସନ ପ୍ରଦାନ, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଠିକା ଉଚ୍ଛେଦ ୬ଟି ନ୍ୟାଶନ୍ୟାଲ ଇନକ୍ରିମେଣ୍ଟ ପ୍ରଦାନ, ବିଏ, ପିଏଚ୍‌ଡି ଯୋଗ୍ୟତାଧାରୀ କ୍ରୀଡ଼ା ଶିକ୍ଷକଙ୍କୁ ଟି.ଜି ସେଲ୍ ପ୍ରଦାନ, ଅବସର ବୟସ ୬୦ ବର୍ଷରୁ ୬୨ ବର୍ଷକୁ ବୃଦ୍ଧି ଆଦି। ସଂଘ ପକ୍ଷରୁ ଏକ ଶୋଭାଯାତ୍ରା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ପରେ ବିକ୍ଷୋଭ ପ୍ରଦର୍ଶନ କରି ମୁଖ୍ୟମନ୍ତ୍ରୀ, ଅର୍ଥ ମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ଜିଲା ଶିକ୍ଷା ଅଧିକାରୀ ଡ. ବିଶ୍ୱଜିତ୍ ଘୋଷଙ୍କୁ ପ୍ରଦାନ କରାଯାଇଥିଲା। ଏହି ବିକ୍ଷୋଭ ପ୍ରଦର୍ଶନରେ ଓଷ୍ଟା ଜିଲା ସଭାପତି ବିଜୟ ବରାଳ, ସମ୍ପାଦକ ବିଭୁଦତ୍ତ ନାୟକ, କାର୍ଯ୍ୟକାରୀ ସଭାପତି ପବିତ୍ର ମୋହନ, କାର୍ଯ୍ୟକାରୀ ସଦସ୍ୟ ଲକ୍ଷ୍ମୀଧର ଉପାଧ୍ୟାୟ, ପ୍ରତାପ ଚନ୍ଦ୍ର ପଲାଇ, ତରୁଣ ନାୟକ, ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଦାବି ପୂରଣ ନ ହେଲେ ଆସନ୍ତା ୭ ତାରିଖରେ ଭୁବନେଶ୍ୱରରେ ବିଶାଳ ସମାବେଶ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।




ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ଶୋଭାଯାତ୍ରା।




ଦୟା ଜ୍ୟୋତି କଳା ସଂସ୍କୃତି ମହୋତ୍ସବରେ ନୃତ୍ୟରତ କଳାକାରମାନେ।

# ଦୟା ଜ୍ୟୋତି କଳା ସଂସ୍କୃତି ମହୋତ୍ସବ

**ପୁରୀ,୩।୨(ଅଜିତ୍ ମହାନ୍ତି):**

ଗଙ୍ଗାଧର ନୋଡାଲ ବିଦ୍ୟାପୀଠ ପ୍ରାଙ୍ଗଣରେ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଏବଂ ରାଜ୍ୟସ୍ତରୀୟ ସାଂସ୍କୃତିକ ଅନୁଷ୍ଠାନ ଦୟା ଜ୍ୟୋତି ମିଳିତ ଭାବରେ ଶନିବାର ଦୟା ଜ୍ୟୋତି କଳା ସଂସ୍କୃତି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସମ୍ପ୍ରଦାୟିକତା ଏବଂ ଆଞ୍ଚଳିକତା ଭାବର ଊର୍ଦ୍ଧ୍ୱରେ ରହି ଛାତ୍ରୀଛାତ୍ର ନିଜକୁ କିପରି ଦେଶର ଏକ ସୁନାଗରିକ ଏବଂ ସୁସ୍ଥ ସମାଜ ଗଠନ କରିବା ଉଦ୍ଦେଶ୍ୟରେ କଳାକାର ମହାରୀ, ଲୋକନୃତ୍ୟ, ଓଡ଼ିଶୀ, ରାସଲୀଳା, ମଙ୍ଗଳାଚରଣ ପରିବେଷଣ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କବିତା ପଟ୍ଟନାୟକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ପୂର୍ବତନ ପୌରସଦସ୍ୟ ଭକ୍ତ ଚରଣ ଦାଶ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପୂର୍ବତନ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ଦାଶ ଓ ପୂର୍ବତନ ସହକାରୀ ଶିକ୍ଷକ ପ୍ରଭାକର ଦାଶ ଯୋଗଦେଇଥିଲେ। ବିଦ୍ୟାଳୟ ଶିକ୍ଷକ ଗଙ୍ଗାଧର ଚଣ୍ଡ ମଞ୍ଚ ଓ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅନ୍ୟତମ ବରିଷ୍ଠ ଶିକ୍ଷକ ରଞ୍ଜନ ତରେଇ ଓ କ୍ରୀଡ଼ା ଶିକ୍ଷକ ଇଲାଟେନ୍ଦୁ ସାଇଁ ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ସଭାକାର୍ଯ୍ୟ ଏବଂ ସଂସ୍କୃତି ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ

**ପୁରୀ,୩।୨(ଅଜିତ୍ ମହାନ୍ତି):**

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏଥିରେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ। ସେହିପରି ଜିଲା ପରିଷଦ କାର୍ଯ୍ୟାଳୟ ପରିସର, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ, ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଜିଲାର ସମସ୍ତ ତହସିଲ, ବ୍ଲକ ଓ ଅନ୍ୟାନ୍ୟ କାର୍ଯ୍ୟାଳୟରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରାଯାଇ ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ସେହିପରି ପୁରୀ ଆରକ୍ଷୀ ଅଧୀକ୍ଷକ ପିନାକ ମିଶ୍ରଙ୍କ ଉପସ୍ଥିତିରେ ପ୍ରଥମ ବିଶ୍ୱ 'ଓଡ଼ିଆ ଭାଷା ସମ୍ମିଳନୀ' ଅବସରରେ ଜିଲା ପୋଲିସ ମୁଖ୍ୟାଳୟରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ପୋଲିସ ମୁଖ୍ୟାଳୟ ସହ ପୁରୀରେ ଥିବା ସମସ୍ତ ଥାନାରେ ମଧ୍ୟ ଥାନା ଅଧିକାରୀଙ୍କ ଉପସ୍ଥିତିରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଛି। ଅପରପକ୍ଷେ ଜିଲାର ସମସ୍ତ ବିଦ୍ୟାଳୟରେ ରାଷ୍ଟ୍ରୀୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ସମୂହ ଗାନ କରାଯାଇଥିଲା।

# ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ସାଧାରଣ ବୈଠକ

**ପୁରୀ,୩।୨(ଅଜିତ୍ ମହାନ୍ତି):**

ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ଏକ ସାଧାରଣ ବୈଠକ ନବକଳେବର ରୋଡସ୍ଥିତ ଭୁବନେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ପ୍ୟାରି ମୋହନ ପଟ୍ଟନାୟକ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଅତିରିକ୍ତ ପେନସନ୍ ୨୦ ଶତକଡ଼ା ପ୍ରତିଶତ ପ୍ରଚଳିତ ନିୟମ ଅନୁଯାୟୀ, ପେନ୍‌ସନ୍ ଭୋଗୀଙ୍କୁ ୮୦ ବର୍ଷ ବୟସରେ ପେନସନ ଦେବାକୁ ନିର୍ଦ୍ଦେଶ ନାମା ଥିଲେ ମଧ୍ୟ ୮୧ ବର୍ଷ ବୟସରେ ଦିଆଯାଇଥିବାରୁ ସଭ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ୮୧ ବର୍ଷ ପରିବର୍ତ୍ତେ ଏହାକୁ ୮୦ ବର୍ଷରେ ଦେବାକୁ ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା ଦାବି କରିଥିଲେ। ସତ୍ୟବାଦୀ ବକୁଳବନରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ଲୋକାର୍ପଣ ଦ୍ୱାରା ଦୀର୍ଘ ଦିନର ସ୍ୱପ୍ନ ସାକାର ହୋଇଥିବାରୁ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜ୍ଞାପନ କରାଯାଇଛି। ଓଡ଼ିଆ ବିଶ୍ୱବିଦ୍ୟାଳୟକୁ ଉତ୍କଳମଣି ଗୋପବନ୍ଧୁ ଓଡ଼ିଆ ବିଶ୍ୱବିଦ୍ୟାଳୟ ଭାବରେ ନାମିତ କରଗଲେ ଏହା ତାଙ୍କ ପ୍ରତି ଉପଯୁକ୍ତ ସମ୍ମାନ ହେବ ବୋଲି ସଂଘର ସାଧାରଣ ସମ୍ପାଦକ ବେହେରା ମତବ୍ୟକ୍ତ କରି କହିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ବରିଷ୍ଠ ସଭ୍ୟ ସଚ୍ଚିଦାନନ୍ଦ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଲୋଚନାରେ ସନ୍ତୋଷ ମହାନ୍ତି, ବ୍ରହ୍ମାନନ୍ଦ ଦାସ, ମୀନତି ଓଝା, ଆଶାଲତା ପ୍ରଧାନ, ରମେଶଚନ୍ଦ୍ର ବଳିଆରସିଂ, ବିଜୟ ପଣ୍ଡା, ସଦାଶିବ ମିଶ୍ର, ମନୋଜ ସାମନ୍ତରାୟ, ବାଇଧର ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଗଣେଶ୍ୱର ମହାପାତ୍ର ଓ ଦାଶରଥି ମହାପାତ୍ର ସଭା ପରିଚାଳନା କରିଥିଲେ। ସଦାଶିବ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ବେଙ୍ଗାଲୁରୁରେ ଯୁବ ଓଡ଼ିଆ ସାମାଜିକ କର୍ମୀ ସମ୍ମାନିତ



**ଅସ୍ତରଙ୍ଗ,୩।୨(ପ୍ରଦୀପ୍ତ ଦୀକ୍ଷିତ):**

ସମାଜ ସେବା ପାଇଁ ଅସ୍ତରଙ୍ଗ, କାକଟପୁର ଓ ପୁରୀ ଜିଲା ସମେତ ବେଙ୍ଗାଲୁରୁରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କାକଟପୁରର ଯୁବ ସାମାଜିକ କର୍ମୀ ରଞ୍ଜିତ ସ୍ୱାଇଁଙ୍କୁ ବେଙ୍ଗାଲୁରୁରେ ସମ୍ମାନିତ କରାଯାଇଛି। ବେଙ୍ଗାଲୁରୁର ଜୟ ଜଗନ୍ନାଥ ପିପୁଲ ଫର ସେବା ଟ୍ରଷ୍ଟ ପକ୍ଷରୁ ମା' କଲରେଇ ଚାରିଟେବୁଲ ଟ୍ରଷ୍ଟର ମୁଖ୍ୟ ତଥା ସାମାଜିକ କର୍ମୀ ସ୍ୱାଇଁଙ୍କୁ ସମ୍ମାନିତ କରାଯାଇଛି। ଦୀର୍ଘ ୧୫ ବର୍ଷ ହେବ ବେଙ୍ଗାଲୁରୁରେ ରହିବା ସହ ପ୍ରବାସୀ ଓଡ଼ିଆଙ୍କ ପିଲାମାନେ କିପରି ସୁବିଧାରେ ଓଡ଼ିଆରେ ପାଠପଢ଼ା କରିପାରିବେ ତଥା ସେମାନେ ଶିକ୍ଷା ସମାପ୍ତି ପରେ କିପରି କାମ କରି ପରିବାର ଚଳାଇ ପାରିବେ ସେ ବିଷୟରେ ସ୍ୱାଇଁ ସର୍ବଦା ଚେଷ୍ଟିତ। ଏହି ସମୟରେ ଟ୍ରଷ୍ଟର ଅଧ୍ୟକ୍ଷ ମାଧବ ବେହେରା, ସୋମନାଥ ଜେନା, ଡି.କେ. ମିଶ୍ର, ଯୁଧିଷ୍ଠିର ମହନ୍ତ, ବାବୁଲି ଚରଣ ଦାସ, ଅକ୍ଷୟ ମଲ୍ଲିକ, ଅଜୟ ସେଠୀ, ଚନ୍ଦନ ସେଠୀ, ପ୍ରକାଶ ପାଲଟାସିଂ ପ୍ରମୁଖ ଉପସ୍ଥିତ ଥିଲେ।

# କଟୁରୀ ଧରି ବ୍ୟାଙ୍କରେ ପଶିଲେ ଯୁବକ

**ଅସ୍ତରଙ୍ଗ,୩।୨(ମମତା ଜେନା):**

ଅସ୍ତରଙ୍ଗ ଅଞ୍ଚଳରେ ଶନିବାର ଅପରାହ୍ନରେ ଜଣେ ଯୁବକ ବ୍ୟାଙ୍କରେ କଟୁରୀ ଦେଖାଇ ଉନ୍ମୁକ୍ତ କାଣ୍ଡ ଘଟାଇଛନ୍ତି। ଘଟଣାସ୍ଥଳରେ ଲୋକେ ରୁଣ୍ଡ ହେବାରୁ ସେ ସେଠାରୁ ଦୌଡ଼ି ପଳାଇଥିଲେ। ପରେ ପୋଲିସ ଏ ବାବଦରେ ଖବରପାଇ ସମ୍ପୃକ୍ତ ଯୁବକଙ୍କ କାବୁ କରିଥିଲା। ସେ ହେଲେ ପୃଥ୍ୱୀରାଜ ନାୟକ। ବ୍ୟାଙ୍କ ପକ୍ଷରୁ ହୋଇଥିବା ଅଭିଯୋଗରେ ପୋଲିସ ୨୨/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ବିଦ୍ୟାଳୟ, ପ୍ରଧାନ ଶିକ୍ଷକଙ୍କୁ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ଚାରିଛକ,୩।୨(ଶିଶିର ସ୍ୱାଇଁ):**

ନିମାପଡ଼ା ବ୍ଲକ ଅଧୀନ ତମ୍ପାଳ ଗ୍ରାମ ପଞ୍ଚାୟତ ଅନନ୍ତ ବାସୁଦେବ ସରକାରୀ ଉ.ପ୍ରା. ବିଦ୍ୟାଳୟ ପାଳସ୍ରିକୁ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜଧାନୀର କଳିଙ୍ଗ ଷ୍ଟାଡିୟମ୍‌ରେ ରାଜ୍ୟସ୍ତରୀୟ ଶ୍ରେଷ୍ଠ ବିଦ୍ୟାଳୟ ଓ ଶ୍ରେଷ୍ଠ ପ୍ରଧାନ ଶିକ୍ଷକ ଭାବେ ଉକ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଜୟ ନାୟକଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଛି। ବିଦ୍ୟାଳୟ ମୋ ସ୍କୁଲ ଆକାଉଣ୍ଟକୁ ୫ ଲକ୍ଷ ଟଙ୍କା ଓ ନାୟକଙ୍କୁ ୨୫ ହଜାର ଟଙ୍କା ତାଙ୍କ ବ୍ୟକ୍ତିଗତ ଜମାଖାତାରେ ଜମା କରାଯାଇଛି।

# ଓଡ଼ିଆ ଭାଷା ଅସ୍ମିତାର ପ୍ରତୀକ

**ପୁରୀ,୩।୨(ଅଜିତ୍ ମହାନ୍ତି)**

### ପୁରୀ ଜିଲାସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

ଜିଲା ପ୍ରଶାସନ ଓ ପୁରୀ ପୌରପାଳିକାର ସହଯୋଗରେ ଟାଉନ ହଲ୍‌ଠାରେ ଜିଲାସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଜୟ କୁମାର ଦାଶ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟିତ କରିଥିଲେ। ଅବସରରେ ଜିଲାପାଳ ଦାଶ ସାହିତ୍ୟିକ, ଐତିହାସିକ ଓ ଗବେଷକ ଡ. ହରିହର ମିଶ୍ର, ଡ. ସୁରେନ୍ଦ୍ର ମିଶ୍ର, ଆର୍ତ୍ତତ୍ରାଣ ଶତପଥୀ, ଗୌରାଙ୍ଗ ପରିଡ଼ା, ଓ ବୀରେନ୍ଦ୍ର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଆ ଏକ ମଧୁର, ସରଳ ଓ ପ୍ରାଚୀନ ଭାଷା। ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଥିବା ଓଡ଼ିଆ ଭାଷା ବେଶ ସମୃଦ୍ଧ ଓ ଏହା ଆମ ଅସ୍ମିତାର ପ୍ରତୀକ। ଭାଷା ଭିତ୍ତିରେ ରାଜ୍ୟକୁ ଆହୁରି ସମୃଦ୍ଧ କରିବା ଓ ଭାଷାର ଉନ୍ନତି ପାଇଁ ସମସ୍ତେ ସଂକଳ୍ପ ବଦ୍ଧ ହେବାକୁ ସମ୍ବର୍ଦ୍ଧିତ ବ୍ୟକ୍ତିମାନେ ମତବ୍ୟକ୍ତ କହିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ବା ଡୁଡାର ପ୍ରକଳ୍ପ ନିର୍ଦ୍ଦେଶକ ଅକ୍ଷୟ ମହାନ୍ତି, ଶ୍ରୀମନ୍ଦିର ପ୍ରଶାସକ ଜ୍ୟୋତି ଶଙ୍କର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ଭାଷା ସାହିତ୍ୟର ବିକାଶ ପାଇଁ ସମବଦ୍ଧ ଉଦ୍ୟମ ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରେ ସିଦ୍ଧ ମହାବୀର ଅନୁଷ୍ଠାନର କଳାକାର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପୂର୍ବତନ ପୌର ନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ମନୋଜ ବେହେରା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଓଡ଼ିଆ ଅସ୍ମିତା ରଥକୁ ଜିଲାପାଳ ଉଦ୍‌ଘାଟନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରତ୍ୟୁଷରୁ ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।




ପୁରୀ ଜିଲାସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ମଞ୍ଚାସୀନ ଅତିଥି।

# ୮ରେ ବିଧାନସଭା ଘେରିବ ପାଚିକା ସଂଘ

**ପୁରୀ,୩।୨(ଅଜିତ୍ ମହାନ୍ତି):**

ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସଂଘ (ସିଟୁ) ପାଚିକାମାନଙ୍କ ବେତନ ବୃଦ୍ଧି ସହ ବିଭିନ୍ନ ଦାବିକୁ ନେଇ ଆସନ୍ତା ୮ ତାରିଖରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଗଣଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ଏନେଇ ସଂଘ ପକ୍ଷରୁ ଶନିବାର ଭକ୍ତ ସାଲବେଗ ପୀଠ ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଦାବିଗୁଡ଼ିକ ହେଲା ପାଚିକାଙ୍କୁ ଶିକ୍ଷା ବିଭାଗର ୪ର୍ଥ ଶ୍ରେଣୀ କର୍ମଚାରୀ ମାନ୍ୟତା ପ୍ରଦାନ କରିବା, ସର୍ବନିମ୍ନ ମଜୁରୀ ଲାଗୁ, ଅବସର ସୀମା ୬୨ କୁ ବୃଦ୍ଧି, ସାମାଜିକ ସୁରକ୍ଷା ପ୍ରଦାନ, ବର୍ଷକୁ ୨ ଖଣ୍ଡ ଶାଢ଼ୀ, ବେତନ ସହିତ ମାତୃତ୍ୱକାଳୀନ ଛୁଟି ପ୍ରଦାନ, ୧୦ ମାସ ପରିବର୍ତ୍ତେ ୧୨ ମାସର ଦରମା ପ୍ରଦାନ, ବେଆଇନ ଛଟେଇ ବନ୍ଦ, ଅବସର ପରେ ପେନସନ୍ ପ୍ରଦାନ, ପେ କମିଶନ ଗଠନ ଓ ଅଧିକ ପିଲା ଥିବା ସ୍କୁଲରେ ନୂତନ ପାଚିକା ନିଯୁକ୍ତି ଇତ୍ୟାଦି। ଏହି ଦାବିଗୁଡ଼ିକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସମ୍ମିଳନୀ ସୂଚନା ଦିଆଯାଇଛି। ସେହିପରି କେନ୍ଦ୍ର ସରକାରଙ୍କ ଦ୍ୱାରା ଶିକ୍ଷା ବଜେଟ୍ କାଟ ହେବା ଦ୍ୱାରା ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟାହ୍ନ ଭୋଜନବ୍ୟୟକୁ ସଂକୁଚିତ କରାଯାଉଛି। ବଜାର ଦର ବୃଦ୍ଧି ପାଉଥିବାବେଳେ ଛାତ୍ରୀଛାତ୍ରଙ୍କ ମୁଣ୍ଡପିଛା ଖର୍ଚ୍ଚ ବୃଦ୍ଧି କରାଯାଉନାହିଁ। ୨୦୨୦ ଶିକ୍ଷାନୀତି ଲାଗୁ ହେବା ଫଳରେ ଶହ ଶହ ସ୍କୁଲକୁ ମିଶ୍ରଣ କରାଯାଇ ବନ୍ଦ କରି ଦିଆଯାଇଛି। ଅନେକ ବିଦ୍ୟାଳୟରେ ଆବଶ୍ୟକ ଅନୁଯାୟୀ, ପାଚିକା ନିଯୁକ୍ତି କରାଯାଉନାହିଁ। ପାଚିକାଙ୍କ ନିଯୁକ୍ତିରେ ଗୋଷ୍ଠୀ କନ୍ଦଳ ଦେଖାଯାଉଛି। ତେଣୁ ପାଚିକାଙ୍କ ସମସ୍ୟା ଓ ଦାବି ପୂରଣ ପାଇଁ ଆସନ୍ତା ୮ ତାରିଖରେ ସିଆଇଟିୟୁ ନେତୃତ୍ୱରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏହି ଦିନ ଜିଲାର ସମସ୍ତ ସ୍କୁଲରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ବନ୍ଦ ରହିବ। ଏନେଇ ବିଇଓ ଓ ଡିଇଓଙ୍କୁ ଚିଠି ମାଧ୍ୟମରେ ଜଣାଯାଇଛି। ସେହିପରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ବିରୋଧୀ ନୀତି ବିରୋଧରେ ୧୬ ତାରିଖରେ ଦେଶ ବ୍ୟାପି ହରତାଳ ହେବ ବୋଲି ସମ୍ମିଳନୀରେ ସଂଘ ସଭାପତି ବିଷ୍ଣୁ ମହାନ୍ତି ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ପାଚିକା ସଂଘ ସଭାପତି ପୀତବାସ ବେହେରା, ଜିଲା ସମ୍ପାଦିକା ତରୁଲତା ମିଶ୍ର, ଉପସଭାପତି ଜଗନ୍ନାଥ ଦେଓ, ବନ ବାସିନୀ ମହାପାତ୍ର, ପ୍ରଶାନ୍ତ ପ୍ରଧାନ, ମଞ୍ଜୁଲତା ବାରିକ, ଟୁନା ନାୟକ, ବିଷ୍ଣୁପ୍ରିୟା ମିଶ୍ର ଏବଂ ସୁଜାତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସଂଘ (ସିଟୁ) ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ଅତିଥି।

## ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତରେ ଶନିବାର ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବକ୍ତୃତା ପ୍ରତିଯୋଗିତାରେ ସୂର୍ଯ୍ୟକାନ୍ତ ମହାପାତ୍ର, ଅନ୍ୱେଷା ଜେନା, ଭାଗ୍ୟଲକ୍ଷ୍ମୀ ନାୟକ ଓ ବାସୁଦେବ ନାୟକ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ସୌମ୍ୟରଞ୍ଜନ ସାହୁ, ଅନ୍ୱେଷା ଜେନା, ମୋନାଲିସା ସିଂହ ଶ୍ରେଷ୍ଠ ପ୍ରତିଯୋଗୀ ଭାବେ ପୁରସ୍କୃତ ହୋଇଥିଲେ। ସରପଞ୍ଚ ତ୍ରିଲୋଚନ ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବାସୁଦେବ ନାୟକ, ତାପସି ମହାନ୍ତି, ଲକ୍ଷ୍ମୀଧର ରାଉତଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ। ପାର୍ଥସାରଥି ଦାଶ ଓ ସନ୍ତୋଷ ପ୍ରଧାନ ପ୍ରତିଯୋଗିତା ପରିଚାଳନା କରିଥିଲେ।

**ସଂକ୍ଷେପରେ**

## ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ମହୋତ୍ସବ ଉଦ୍‌ଘାଟିତ

ଚୌଦ୍ୱାର,୩।୨(ଆଶୁତୋଷ ଦାସ)

ଚୌଦ୍ୱାରରେ ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ମହୋତ୍ସବ ଓ ମହାପ୍ରଭୁଙ୍କ ଚବିଶ ବେଶ କାର୍ଯ୍ୟକ୍ରମ ଶନିବାରଠାରୁ ଆରମ୍ଭ ହୋଇଛି। ଚୌଦ୍ୱାର ଶ୍ରୀଜଗନ୍ନାଥ ଭକ୍ତ ସମାଜ ଆନୁକୂଲ୍ୟରେ ଆଗ୍ରାହାଟସ୍ଥିତ ଉତ୍ତରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଉତ୍ସବର ପ୍ରଥମ ଦିବସରେ ପ୍ରାର୍ଥନା, ନଗର ସଂକୀର୍ତ୍ତନ, କଳସ ଶୋଭାଯାତ୍ରା, ଘଟ ସ୍ଥାପନ, ଶ୍ରୀଜୀଉଙ୍କ ମଙ୍ଗଳ ଆଳତୀ, ପୂଜାର୍ଚ୍ଚନା ଭଳି ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ଏହି ଉପଲକ୍ଷେ ଶ୍ରୀକ୍ଷେତ୍ରରୁ ଆସିଥିବା ଆଜ୍ଞାମାଳକୁ ଶୋଭାଯାତ୍ରାରେ ଆଗ୍ରାହାଟ ଗ୍ରାମ ପରିକ୍ରମା କରାଯାଇଥିଲା। ଅପରାହ୍ନରେ ଶାନ୍ତି ମହାଯଜ୍ଞ ହୋଇଥିଲା। ସନ୍ଧ୍ୟାରେ ମହାପ୍ରଭୁଙ୍କ ଆଳତି ଓ ଭଜନ କୀର୍ତ୍ତନ ପରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ତଃରାଷ୍ଟ୍ରୀୟ ଶ୍ରୀଜଗନ୍ନାଥ ମହିମା ପ୍ରଚାରକ ତଥା ଗୁରୁକୃପା ଆଶ୍ରମର ଅଧ୍ୟକ୍ଷ ସତ୍ୟାନନ୍ଦ ଦାସ ମହାରାଜ ପ୍ରବଚନ ଦେଇଥିଲେ। ୫ଦିନ ଧରି ହେବାକୁ ଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପୂଜାର୍ଚ୍ଚନା, ଯଜ୍ଞାନୁଷ୍ଠାନ ସହିତ ଶ୍ରୀଜଗନ୍ନାଥ ମହିମା ଉପରେ ପ୍ରବଚନ ଦିଆଯିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## ଭାଷା, ସାହିତ୍ୟ, ସୃଜନଶୀଳତା ପ୍ରତିଯୋଗିତା

ଚୌଦ୍ୱାର,୩।୨(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ଚାଟେଶ୍ୱର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସରିଫା ବେଗମ୍‌ଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କାଉନ୍‌ସିଲର ଆଶୁତୋଷ ଦାସ, ନଗର ବିଜେଡି କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା, ତପସ୍ୱିନୀ ପରିଡ଼ା, ଫତିମା ବିବି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆୟୋଜିତ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ତପସ୍ୱିନୀ ମହାପାତ୍ର ଧନ୍ୟବାଦ ଦେଇଥିଲେ। ସେହିପରି ମଙ୍ଗରାଜପୁର ପଞ୍ଚାୟତ ଅଧୀନ ରାମଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟରେ ଭାଷା ସାହିତ୍ୟ ଓ ସୃଜନଶୀଳତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ସନାତନ କଳାଙ୍କ ପରିଚାଳନାରେ ହସ୍ତଶିଳ୍ପ କଳାକୃତି, ଚିତ୍ରାଙ୍କନ, ବକ୍ତୃତା, କୁଇଜ୍, ସଙ୍ଗୀତ ଆଦି ପ୍ରତିଯାଗିତା ଅନୁଷ୍ଠିତ ହୋଇଥିଲା। ପରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ କଳ୍ପନା ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ୨ ପଞ୍ଚାୟତରେ ନୂଆ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ

କଟକ ସଦର, ୩।୨ (ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ଯଶପଡ଼ା ଓ ବାରଦା ପଞ୍ଚାୟତରେ ଶନିବାର ନୂଆ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଭୟ ସ୍ଥାନରେ କାର୍ଯ୍ୟକ୍ରମକୁ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଉଦ୍‌ଘାଟନ କରି ଗତବର୍ଷରେ ରାଜ୍ୟ ସରକାରଙ୍କ ଦ୍ୱାରା ଉଭୟ ପଞ୍ଚାୟତରେ କରାଯାଇଥିବା ଜନକଲ୍ୟାଣକାରୀ ଯୋଜନାର ପୁସ୍ତିକା ଉନ୍ମୋଚନ କରିଥିଲେ। ଯଶପଡ଼ା ପଞ୍ଚାୟତରେ ସରପଞ୍ଚ ମିନତି ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାସ, ସମିତି ସଭ୍ୟା ପୁଷ୍ପଲତା ପଣ୍ଡା, ପୂର୍ବତନ ସରପଞ୍ଚ ରଞ୍ଜିତା ବେହେରା, ସୁବାସ ଚନ୍ଦ୍ର ମହାନ୍ତି, ନୋଡାଲ ଅଫିସର ସୌମ୍ୟା ସୁଚରିତା ବିଷୋୟୀ, ପ୍ରିୟଦର୍ଶିନୀ ମହାପାତ୍ର, ଅଜୟ କୁମାର ସେଠୀ ଉପସ୍ଥିତ ଥିଲେ। ସେହିପରି ବାରଦା ପଞ୍ଚାୟତରେ ସରପଞ୍ଚ ନିରୋଜା ନଳିନୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମିତି ସଭ୍ୟା ସଙ୍ଗୀତା ବାରିକ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସାହୁ, ପ୍ରମୋଦ ମହାପାତ୍ର, ସମର ବେହେରା, ରଜନୀକାନ୍ତ ସାହୁ, ବିଭୂତି ଭୂଷଣ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ବିନା ଆଲୋଚନାରେ ଅନୁମୋଦନକୁ ବିରୋଧ

କଟକ,୩।୨(କାର୍ତ୍ତିକ ସାହୁ)

କଟକ ମହାନଗର ନିଗମ (ସିଏମ୍‌ସି)ର ୨୧ତମ ସାଧାରଣ ଅଧିବେଶନ ବିଜୁ ଭବନ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିନା ଆଲୋଚନାରେ ସମସ୍ତ କାର୍ଯ୍ୟ ଅନୁମୋଦନ କରାଯିବାକୁ ନେଇ କଂଗ୍ରେସ ଓ ଭାଜପା କର୍ପୋରେଟରମାନେ ବିରୋଧ କରିଥିଲେ। ନୂତନ ତାରିଖ ଧାର୍ଯ୍ୟ କରି ପ୍ରସ୍ତାବ ଉପରେ ଆଲୋଚନା କରିବାକୁ ସେମାନେ ମେୟରଙ୍କ ନିକଟରେ ଦାବି କରିଥିଲେ। ପୂର୍ବତନ ଉପନଗରପାଳ ଗଣେଶ ଚନ୍ଦ୍ର ସାହୁଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯିବା ସହ ତାଙ୍କ ସମ୍ମାନାର୍ଥେ ଅଧିବେଶନକୁ ବାତିଲ କରାଯାଇଥିଲା।

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବ ଅବସରରେ ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ସିଏମ୍‌ସି ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଧିବେଶନରେ ନୂତନ କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସହରର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ କେତେକ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ୱାର୍ଡ ଅଫିସ୍ କାର୍ଯ୍ୟକ୍ଷମ କରିବା, ସଫେଇ କର୍ମଚାରୀଙ୍କୁ ବୀମା ସୁବିଧା, ୱାର୍ଡ ପରିମଳ କମିଟିକୁ କ୍ରିୟାଶୀଳ, ଅଧିକ ୧୫ ଜଣ ପରିମଳ ନିରୀକ୍ଷକ (ଏସଆଇ)ଙ୍କୁ ନିଯୁକ୍ତି


ଅଧିବେଶନରେ ମେୟର, ଡେପୁଟି ମେୟର, କମିଶନର ଓ କର୍ପୋରେଟର।

**ସିଏମ୍‌ସିର ୨୧ତମ ଅଧିବେଶନ**

ଦେବା ପାଇଁ ସରକାରଙ୍କୁ ଚିଠି କରିବା, ହରିଣ ଉଦ୍ୟାନର ଉନ୍ନତୀକରଣ, ବଡ଼ ହୋଟେଲଗୁଡ଼ିକରୁ ବାହାରୁଥିବା ଆବର୍ଜନା ପୃଥକୀକରଣ ସୁନିଶ୍ଚିତ କରିବା ଓ କର୍ପୋରେଟରମାନଙ୍କୁ ଏକ୍ସପୋଜର ଭିଜିଟ ବା ଦେଶର ପ୍ରମୁଖ ମହାନଗର ନିଗମକୁ ପରିଦର୍ଶନରେ ପଠାଇବାକୁ ପ୍ରସ୍ତାବ ଦେଇଥିଲେ। କର୍ପୋରେଟରମାନେ ପ୍ରସ୍ତାବଗୁଡ଼ିକୁ ସମ୍ମତି ଜଣାଇଥିଲେ। କୌଣସି ଆଲୋଚନା କରା ନ ଯାଇ ଷ୍ଟାଣ୍ଡିଂ କମିଟି ନିଷ୍ପତ୍ତିଗୁଡ଼ିକୁ ଅନୁମୋଦନ କରାଯାଉଥିବାରୁ ବିରୋଧୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ମେୟର ସିଂ ବୈଠକ ବାତିଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ଅଧିବେଶନ ତାରିଖ ବୈଠକରେ ଘୋଷଣା କରିବାକୁ କଂଗ୍ରେସ ଓ ଭାଜପା କର୍ପୋରେଟରମାନେ ଦାବି କରିଥିଲେ। ଆଲୋଚନା ନ କରି ସଙ୍ଗେ ସଙ୍ଗେ ତାରିଖ ଘୋଷଣା କରିବା ଠିକ୍ ହେବ ନାହିଁ ବୋଲି ମେୟର କହିଥିଲେ। ଅପରପକ୍ଷରେ କମିଶନର ସ୍ୱାଇଁ କହିଛନ୍ତି, ରାସ୍ତାକଡ଼ରେ ଆବର୍ଜନା ନ ପକାଇବାକୁ ଲୋକଙ୍କୁ ପ୍ରଥମେ ସଚେତନ କରାଯିବ। ଲୋକେ ନ ମାନିଲେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବ। ଟିମ୍ କେୟାର ଗଠନ କରାଯାଇ ନିୟମ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରତି ଦଳରେ ୫ରୁ ୬ ଜଣ ରହିବେ। ସିଏମ୍‌ସି ପକ୍ଷରୁ ଘରକୁ ଘର ଯାଇ ସଂଗ୍ରହ କରାଯାଉଥିବା ଆବର୍ଜନା ଶତପ୍ରତିଶତ ପୃଥକୀକରଣ କରାଯିବ ବୋଲି ସେ କହିଛନ୍ତି। ସେହିପରି ମେୟର କହିଛନ୍ତି, ସହର ଉଠାଦୋକାନୀଙ୍କଠାରୁ ଦେୟ ଆଦାୟ ହେବ। ଏସ୍‌ଏଚ୍‌ଜି ସଦସ୍ୟାମାନଙ୍କ ଜରିଆରେ ଦୈନିକ ୧୦ ଟଙ୍କା ଲେଖାଏଁ ଦେୟ ଆଦାୟ କରାଯିବାକୁ ପ୍ରସ୍ତାବ ରହିଛି। ଉଠାଦୋକାନୀ ଦେୟ ଦେଲେ ସେମାନଙ୍କ ପାଇଁ ଅଧିକ ସୁବିଧା କରାଯିବ ବୋଲି ମେୟର କହିଛନ୍ତି। ଏହି ବୈଠକରେ ଡେପୁଟି ମେୟର ଦମୟନ୍ତୀ ମାଝିଙ୍କ ସମେତ କର୍ପୋରେଟରମାନେ ଉପସ୍ଥିତ ଥିଲେ।

# ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲଦଣ୍ଡ

କଟକ,୩।୨ (କାର୍ତ୍ତିକ ସାହୁ)

**ଅପରାଧ ପାଇଁ ଯୋଜନାବେଳେ ଏନ୍‌କାଉଣ୍ଟର ହୋଇଥିଲା**

କଟକ ସଦର ପୋଲିସ ୨୦୧୮ ଜାନୁଆରୀ ୪ ତାରିଖରେ ଗୋପାଳପୁର ଅଞ୍ଚଳରେ କରିଥିବା ଏନ୍‌କାଉଣ୍ଟର ମାମଲାର ରାୟ ପ୍ରକାଶ ପାଇଛି। କଟକ ଜିଲାର ବିଭିନ୍ନ ସ୍ଥାନରେ ଆପରାଧିକ ସାମ୍ରାଜ୍ୟ ବିସ୍ତାର କରିଥିବା ଅଭିଯୁକ୍ତ ବୁଦ୍ଧିଆ ଓରଫ ତ୍ରିଲୋଚନ ନାୟକଙ୍କୁ କଟକ ଜିଲା ଅତିରିକ୍ତ ସେସନ ଜଜ୍ ଦୋଷୀ ସାବ୍ୟସ୍ତ କରି ୭ବର୍ଷ ଜେଲଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ୩ ମାସ ଅଧିକ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ଆଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ନୟାଗଡ଼ ଜିଲା ଶରଣକୂଳ ଥାନା ଅଞ୍ଚଳର ତ୍ରିଲୋଚନ ନାୟକ କଟକ ସହର ସମେତ ବିଭିନ୍ନ ସ୍ଥାନରେ ଆପରାଧିକ କାର୍ଯ୍ୟକଳାପ ଚଳାଇଥିଲେ। ସେ କଟକ ସଦର ଥାନା ଅନ୍ତର୍ଗତ ଗୋପାଳପୁର ଅଞ୍ଚଳରେ ସଂଘବଦ୍ଧ ଅପରାଧ ଘଟାଇବା ପାଇଁ ଯୋଜନା କରୁଥିବାବେଳେ ପୋଲିସ ଚଢ଼ାଉ କରିଥିଲା। ଏହି ସମୟରେ ବୁଦ୍ଧିଆ ଓ ତାଙ୍କ ସହଯୋଗୀ ପୋଲିସ ଉପରକୁ ଗୁଳି ଚଳାଇଥିଲେ। ଫଳରେ ଆତ୍ମରକ୍ଷା ପାଇଁ ସଦର ଥାନାର ତତ୍କାଳୀନ ଏସ୍‌ଆଇ କୃପାସିନ୍ଧୁ ବରାଡ଼ ପୋଲିସବାହିନୀ ସହ ଗୁଳି ଚଳାଇବାରୁ ବୁଦ୍ଧିଆଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଥିଲା। ପରେ ଚିକିତ୍ସା ପାଇଁ ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେ ସୁସ୍ଥ ହେବା ପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବୁଦ୍ଧିଆଙ୍କ ନାମରେ କଟକ ସମେତ ବିଭିନ୍ନ ଜିଲାରେ ବହୁ ଆପରାଧିକ ମାମଲା ରହିଛି। ବୁଦ୍ଧିଆଙ୍କ ନାମରେ ପୋଲିସ ଚାର୍ଜଶିଟ ଦାଖଲ କରିବା ପରେ ଅତିରିକ୍ତ ସେସନ ଜଜ୍ କୋର୍ଟରେ ମାମଲାର ବିଚାର ହୋଇଥିଲା। ୧୬ଜଣ ସାକ୍ଷୀ ଓ ୧୦ଟି ପ୍ରମାଣକୁ ଆଧାର କରି ଅଦାଲତ ରାୟ ଶୁଣାଇଥିଲେ। ସରକାରଙ୍କ ପକ୍ଷରୁ ଆଇନଜୀବୀ ରାମ ପ୍ରସାଦ ଦାଶ ମାମଲା ପରିଚାଳନା କରୁଥିଲେ।

## ଦୁର୍ଘଟଣାରେ ସାଇକେଲ ଆରୋହୀ ମୃତ

ଖୁଣ୍ଟୁଣୀ,୩।୨(ସଚ୍ଚିଦାନନ୍ଦ ପଣ୍ଡା)

୫୫ନଂ. ଜାତୀୟ ରାଜପଥର ଖୁଣ୍ଟୁଣୀ ଥାନା ଅଧୀନ ପାନିଆମା ଗ୍ରାମ ନିକଟରେ ଶନିବାର ରାତିରେ ଦୁର୍ଘଟଣାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୁରୁଡିଝାଟିଆ ଥାନା ଅନ୍ତର୍ଗତ କପୁରସିଂ ଗ୍ରାମ ଡମସାହିର ସନାତନ ପାତ୍ର(୫୯)। ସେ ସାଇକେଲରେ ଘରକୁ ଫେରୁଥିବାବେଳେ ଏକ ଗାଡି ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ଖବରପାଇ ଖୁଣ୍ଟୁଣୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୁମୂର୍ଷୁ ଅବସ୍ଥାରେ ସନାତନଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନା ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ତାଙ୍କ ପରିବାର ଲୋକେ କହିଛନ୍ତି।

# ଜିଲାପାଳଙ୍କ କାର୍ଯ୍ୟାଳୟରେ ବନ୍ଦେ ଉତ୍କଳ ଜନନୀ ଗାନ


ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧକ୍ଷତାରେରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଉଛି।

କଟକ,୩।୨ (କାର୍ତ୍ତିକ ସାହୁ)

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବ ଅବସରରେ ଶନିବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସମବେତ ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରାଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅଧିକାରୀ ଓ କର୍ମଚାରୀମାନେ ରାଜ୍ୟ ସଂଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ, ଅତିରିକ୍ତ ଜିଲାପାଳ ଶିବ ଟପୋ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ କମଲଜିତ୍ ଦାସ, ତହସିଲଦାର ସୁଜୟ କୁମାର ପତି, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ସହକାରୀ ସୂଚନା ଅଧିକାରୀ ସ୍ୱାଗତିକା ବେହେରା ଓ ଅଭିରାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଓଡ଼ିଆ ଭାଷା ପ୍ରତି ଥିବା ଅଙ୍ଗୀକାରବଦ୍ଧତାକୁ ସୁଦୃଢ଼ କରିବା ତଥା ସମର୍ପଣ ମନୋଭାବର ନିଦର୍ଶନ ସ୍ୱରୂପ ରାଜ୍ୟ ସରକାର ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବ ଅବସରରେ ଗାଁରୁ ସହର ରାଜ୍ୟବ୍ୟାପୀ ଏକସଙ୍ଗେ ସମବେତ ବନ୍ଦେ ଉତ୍କଳ ଜନନୀ ଗାନ କରିବାକୁ ଆହ୍ୱାନ ଦେଇଥିଲେ।

## କଣ୍ଟାପଡ଼ାରେ ଉପ ନିବନ୍ଧକ କାର୍ଯ୍ୟାଳୟ ପ୍ରତିଷ୍ଠା କରାଯାଉ

କଣ୍ଟାପଡା,୩।୨(ସୁରନାରାୟଣ ସାହୁ)

କଣ୍ଟାପଡା ବ୍ଲକ ଅଞ୍ଚଳରେ ଏକ ସ୍ଥାୟୀ ଉପ ନିବନ୍ଧକ କାର୍ଯ୍ୟାଳୟ ପ୍ରତିଷ୍ଠା ପାଇଁ ଦାବି ଜୋର୍ ଧରିଛି। ଏନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆଇନଜୀବୀ ଆର୍ତ୍ତତ୍ରାଣ ରାୟଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତର ଏକ ପ୍ରତିନିଧିଦଳ ଶନିବାର ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାୟଙ୍କୁ ତାଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ମୁତାବକ, ନିଆଳିଠାରେ ଥିବା ଉପନିବନ୍ଧକ କାର୍ଯ୍ୟାଳୟଠାରୁ କଣ୍ଟାପଡା ତହସିଲ କାର୍ଯ୍ୟାଳୟର ଦୂରତା ୧୫ କିମିରୁ ଊର୍ଦ୍ଧ୍ୱ ହୋଇଥିବାବେଳେ ଗୋବିନ୍ଦପୁର, ନାହାଳପୁର, ନୂଆଗାଁ, ସାଇଲୋ ଝାରପଡା ଆଦି ପଞ୍ଚାୟତର ଦୂରତା ୩୦ କିମିରୁ ଅଧିକ ହେବ। ଅପରପକ୍ଷେ କଣ୍ଟାପଡା ତହସିଲ ଅଞ୍ଚଳରୁ ବାର୍ଷିକ ଯେତିକି ଦଲିଲ ପ୍ରସ୍ତୁତ ହେଉଛି ତାହା ନିଆଳି ତହସିଲଠାରୁ ଯଥେଷ୍ଟ ଅଧିକ। ସେହିପରି କଣ୍ଟାପଡ଼ା ବ୍ଲକ ଅଧୀନ ପୋସ୍ତଳ ପଞ୍ଚାୟତର ତୁଣ୍ଡା, ବଳଦା ଓ ରହମ୍ପା ଗ୍ରାମର ଜନସାଧାରଣ ନିଆଳି ଉପ ନିବନ୍ଧକଙ୍କ କାର୍ଯ୍ୟାଳୟ ପରିବର୍ତ୍ତେ ଜଗତ୍‌ସିଂହପୁର ଉପ ନିବନ୍ଧକ କାର୍ଯ୍ୟାଳୟ ଉପରେ ନିର୍ଭର କରିଥାନ୍ତି। କଣ୍ଟାପଡା ବ୍ଲକ ଅଞ୍ଚଳରେ ନୂତନ ଉପ ନିବନ୍ଧକ କାର୍ଯ୍ୟାଳୟ ଖୋଲାଯିବା ସହ ପୋସ୍ତଳ ପଞ୍ଚାୟତ ୩ଟି ଗ୍ରାମର ଜନସାଧାରଣଙ୍କୁ ଏଠାରୁ ଏହି ସୁବିଧା ଯୋଗାଇ ଦେବା ପାଇଁ ଦାବି କରଯାଇଛି।

# କର୍ମୀଙ୍କ ସହ ଆଲୋଚନା କଲେ କଂଗ୍ରେସ ରାଜ୍ୟ ପ୍ରଭାରୀ ଅଜୟ


କଂଗ୍ରେସର ରାଜ୍ୟ ପ୍ରଭାରୀ ଅଜୟ କୁମାରଙ୍କୁ ବିଧାୟକ ମହମ୍ମଦ ମୋକିମ ସ୍ୱାଗତ କରୁଛନ୍ତି।

କଟକ, ୩।୨ (ଶିଳ୍ପା ପ୍ରିୟଦର୍ଶିନୀ)

କଂଗ୍ରେସର ରାଜ୍ୟ ପ୍ରଭାରୀ ଡ. ଅଜୟ କୁମାର ଶନିବାର ପ୍ରଥମଥର ପାଇଁ କଟକ ଗସ୍ତ କରି ସେଲ୍‌ଟର ଛକସ୍ଥିତ ବିଧାୟକ ଇଂ. ମହମ୍ମଦ ମୋକିମଙ୍କ ଆବାସିକ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ପ୍ରଥମେ ସେ ମୋକିମଙ୍କ ବାସଭବନରେ ପହଞ୍ଚି ତାଙ୍କ ମା'ଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ପରେ ସେ କର୍ମୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ବଲପୁର ଗସ୍ତ ଓ ସଭାରେ ଶାସକ ଦଳର ଶାସନ ନେଇ ପ୍ରଧାନମନ୍ତ୍ରୀ କୌଣସି ମନ୍ତବ୍ୟ ଦେଇ ନ ଥିବା ସମ୍ପର୍କରେ ଅଜୟ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ଓଡ଼ିଶାବାସୀଙ୍କୁ ଏହା ବୁଝିବାର ଦରକାର ଯେ ସେମାନେ ଲୁଟ୍‌ର ଶିକାର ହେଉଛନ୍ତି। ଓଡ଼ିଶା ସବୁଠୁ ଗରିବ ରାଜ୍ୟ ଏବଂ ସେଥିମଧ୍ୟରେ ଭୁବନେଶ୍ୱର ସବୁଠୁ ଧନୀ ସହର। ବିଧାୟକ ମୋକିମ ମଜଭୁତ ନେତା ରହିଛନ୍ତି। ଆସନ୍ତା ନିର୍ବାଚନରେ କଟକରେ କଂଗ୍ରେସ ଦଳ ଭଲ ପ୍ରଦର୍ଶନ କରିବ ବୋଲି ବିଶ୍ୱାସ ରହିଛି। ମୋକିମଙ୍କ ମା'ଙ୍କୁ ଭେଟିବାକୁ ଆସିଥିଲି। ଏହା ରାଜନୈତିକ ଗସ୍ତ ନୁହେଁ ବୋଲି ଅଜୟ କହିଛନ୍ତି। ବିଧାୟକ ମୋକିମଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କର୍ପୋରେଟର ଓ କର୍ମୀମାନେ ଉପସ୍ଥିତ ରହି ଅଜୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଗାମୀ ଦିନରେ ଦଳ କିପରି ଆହୁରି ମଜଭୁତ ହେବ ଏବଂ ଲୋକଙ୍କ ସହ ଜଡ଼ିତ ରହି ସମସ୍ୟା ସମାଧାନ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

# ହାଇୱା ଧକ୍କାରେ ସ୍ତ୍ରୀ ମୃତ, ରାସ୍ତାରୋକୋ

ଖୋର୍ଦ୍ଧା/ବେଗୁନିଆ,୩।୨
(ପ୍ରଭାତ ପାଣିଗ୍ରାହୀ/ହରପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ବଡ଼ବେରଣା ଛକ ନିକଟରେ ଶନିବାର ବାଲି ବୋଝେଇ ହାଇୱା ଏକ ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ସ୍କୁଟି ଚଳାଉଥିବା ସ୍ୱାମୀ ରାସ୍ତାକଡ଼କୁ ଛିଟିକି ପଡ଼ିଥିବା ବେଳେ ସ୍ତ୍ରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ମୃତା ହେଲେ କଟକ ଜିଲା ବଡ଼ମ୍ବା ଥାନା ଅନ୍ତର୍ଗତ ଗୋପମଥୁରାପୁର ଗ୍ରାମର ଗଣେଶ୍ୱର ଲେଙ୍କାଙ୍କ ସ୍ତ୍ରୀ ପ୍ରମିଳା(୬୦)। ଖବରପାଇ ବେଗୁନିଆ ଥାନା ପୋଲିସ ପହଞ୍ଚି ଆହତ ସ୍ୱାମୀ ଗଣେଶ୍ୱରଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲା। ପ୍ରମିଳାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତାଙ୍କ ପରିବାରକୁ କ୍ଷତିପୂରଣ, ଆହତଙ୍କ ଉପଯୁକ୍ତ ଚିକିତ୍ସା ଦାବିରେ ସ୍ଥାନୀୟ ଲୋକେ ରାସ୍ତାରେ ପଥର ରଖି ରାସ୍ତାରୋକୋ କରିଥିଲେ। ଫଳରେ ଉଭୟପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଦୁର୍ଘଟଣା ଘଟାଇଥିବା ହାଇୱାକୁ ପୋଲିସ ଜବତ କରିବା ସହ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ପୂର୍ବତନ ଉପନଗରପାଳ ଗଣେଶ ସାହୁଙ୍କ ପରଲୋକ

କଟକ,୩।୨(କାର୍ତ୍ତିକ ସାହୁ)

କଟକ ପୌରପାଳିକାର ପୂର୍ବତନ ଉପନଗରପାଳ ଗଣେଶ ଚନ୍ଦ୍ର ସାହୁ (୮୭)ଙ୍କର ଚୌଧୁରୀବଜାରସ୍ଥିତ ବାସଭବନରେ ଶନିବାର ପରଲୋକ ହୋଇଯାଇଛି। ପରେ ତାଙ୍କ ମରଶରୀରକୁ କଟକ ମହାନଗର ନିଗମ(ସିଏମ୍‌ସି) କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ମେୟର ସୁବାସ ସିଂଙ୍କ ସମେତ ସମସ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, କର୍ପୋରେଟର, ଅଧିକାରୀ ଓ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଖାନ୍‌ନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ପୁଅ ଦୁର୍ଗା ସାହୁ ମୁଖାଗ୍ନି ଦେଇଛନ୍ତି।



ସ୍ୱର୍ଗତ ସାହୁ ଚୌଧୁରୀ ବଜାରର ଅଧିକାରୀ, ଚୌଧୁରୀ ବଜାର ଦୁର୍ଗା ପଞ୍ଚାୟତ ସମିତିର ସଭାପତି ଓ ସମ୍ପାଦକ ଭାବେ ଦୀର୍ଘବର୍ଷ ଧରି କାର୍ଯ୍ୟ କରିଥିଲେ। ସେ ଜନତା ଦଳ ନଗର ସଭାପତି ଓ ବିଜେଡି ନଗର ସଭାପତି ଥିଲେ। ସେ ୪ ଥର କଟକ ପୌରପାଳିକାକୁ କାଉନସିଲର ଭାବେ ନିର୍ବାଚିତ ହୋଇଥିଲେ। ଶେଷଥର ପାଇଁ ୨୦୦୩ରେ ସିଏମ୍‌ସିର କର୍ପୋରେଟର ଭାବେ ନିର୍ବାଚିତ ହୋଇଥିଲେ। କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ପ୍ରଭାତ ତ୍ରିପାଠୀ, ପ୍ରଭାତ ରଞ୍ଜନ ବିଶ୍ୱାଳ, ବିଜେଡି ନେତା ଧର୍ମେଶ ନାୟକ, ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, ସମ୍ପାଦକ ଭିକାରି ଦାସଙ୍କ ସମେତ ୨୫ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀ ଓ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ତାଙ୍କ ସମ୍ମାନାର୍ଥେ ଚୌଧୁରୀ ବଜାରର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରଖାଯାଇଛି। ସୂଚନାଯୋଗ୍ୟ, ସ୍ୱର୍ଗତ ତ୍ରିଲୋଚନ କାନୁନ୍‌ଗୋ କଟକ ପୌରପାଳିକାର ଅଧ୍ୟକ୍ଷ ଥିବାବେଳେ ସ୍ୱର୍ଗତ ସାହୁ ଉପନଗରପାଳ ଥିଲେ।

# 'ଆଇନଜୀବୀ ବିଚାର ବ୍ୟବସ୍ଥାର ଜାଗ୍ରତ ପ୍ରହରୀ'

କଟକ,୩।୨(କାର୍ତ୍ତିକ ସାହୁ)

ଭାରତୀୟ ଆଇନଜୀବୀ ସଂଘ କଟକ ଶାଖା ପକ୍ଷରୁ ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ଶୀର୍ଷକ ଆଲୋଚନାଚକ୍ର କଟକ ଟାଉନ୍ ହଲ୍‌ରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ବିଚାରପତି ଆଦିତ୍ୟ କୁମାର ମହାପାତ୍ର ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ଆଇନଜୀବୀମାନେ ବିଚାର ବ୍ୟବସ୍ଥାର ଜାଗ୍ରତପ୍ରହରୀ ବୋଲି କହିଛନ୍ତି। ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ନନ୍ଦ ପ୍ରସଙ୍ଗ ଆଧାରିତ ଭିତ୍ତିପତ୍ର ଉପସ୍ଥାପନ କରି ବିଭିନ୍ନ ଧାରା, ଉପଧାରା ସମ୍ପର୍କରେ ଆଲୋଚନା କରିଥିଲେ। ଭାରତୀୟ ଆଇନଜୀବୀ ସଂଘର ଜାତୀୟ ସମ୍ପାଦକ ତଥା ରାଜ୍ୟ ସଙ୍ଗଠନ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର ବିଚାର ବ୍ୟବସ୍ଥା ଓ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଦୋଷତ୍ରୁଟି ତଥା ଶାସକ ଗୋଷ୍ଠୀର ରାଜନୈତିକ ଚାପ ଓ ହସ୍ତକ୍ଷେପ ଆଇନଜୀବୀ, ବିଚାରପତିମାନଙ୍କୁ ଚାପଗ୍ରସ୍ତ ଏବଂ ସମ୍ବିଧାନକୁ ବିପଦଗ୍ରସ୍ତ କରୁଛି ବୋଲି କହିଛନ୍ତି। ବରିଷ୍ଠ ଆଇନଜୀବୀ ରାମଚନ୍ଦ୍ର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଆଇନଜୀବୀ ଲକ୍ଷ୍ମୀଧର ଦାଶ, ସମୀର କୁମାର ଘୋଷ, ନିଗମାନନ୍ଦ ଦାସ, ଶୁଭେନ୍ଦୁ ମହାନ୍ତି, ରବୀନ୍ଦ୍ର କୁମାର ପଟ୍ଟନାୟକ, ବଦ୍ରିନାରାୟଣ ମହାପାତ୍ର, ଅଭିଜିତ୍ ପଟ୍ଟନାୟକ, ଯାମିନୀକାନ୍ତ ଭୂୟାଁ, ବିଭୁ ପ୍ରସନ୍ନ ମହାପାତ୍ର, ଆଦିତ୍ୟବାଳା ପରିଡ଼ା, ସ୍ମୃତି ମହାନ୍ତି, ରୀନା ନାୟକ, ରଶ୍ମିପ୍ରଭା ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଆଇନଜୀବୀ ସଂଘର ରାଜ୍ୟ ନେତୃତ୍ୱ ଅମରେନ୍ଦୁ ମହାନ୍ତି ଆଲୋଚନାଚକ୍ରର ନିର୍ଯାସ ଉପସ୍ଥାପନ କରି ଆଗାମୀ ଦିନରେ ଆଇନଜୀବୀମାନେ ନିର୍ଭୀକ ମତବ୍ୟକ୍ତ କରି ବିଚାର ବ୍ୟବସ୍ଥାରେ ସ୍ୱଚ୍ଛତା ଓ ନିରପେକ୍ଷତା ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ।



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିବୃନ୍ଦ।

**ଭାରତୀୟ ଆଇନଜୀବୀ ସଂଘ ପକ୍ଷରୁ ଆଲୋଚନାଚକ୍ର**

## ସଂକ୍ଷେପରେ

### ଆନ୍ତଃଜିଲ୍ଲା ଗ୍ୟାଙ୍ଗର ୨ ସଦସ୍ୟଙ୍କୁ ବର୍ଷେ ଲେଖାଏ ଜେଲଦଣ୍ଡ

**ଏଟିଏମ୍ କାର୍ଡ ବଦଳାଇ ଠକେଇ କରୁଥିଲେ**

**ଭୁବନେଶ୍ୱର,୩।୨ (ସୂର୍ଯ୍ୟକାନ୍ତ ବେହେରା):** ଭୁବନେଶ୍ୱରର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟର ବିଚାରପତି ମୈତ୍ରୀ ସାମନ୍ତରାୟ ନନ୍ଦନକାନନ ଥାନା ଅଞ୍ଚଳରେ ଘଟିଥିବା ଏକ ଠକେଇ ମାମଲାର ବିଚାର କରି ଆନ୍ତଃଜିଲ୍ଲା ଏଟିଏମ୍ କାର୍ଡ ବଦଳି ଓ ଠକେଇ ଗ୍ୟାଙ୍ଗର ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସାକ୍ଷୀଙ୍କ ବୟାନ ଓ ବିଭିନ୍ନ ଦସ୍ତାବିଜକୁ ଆଧାର କରି ଅଭିଯୁକ୍ତ ମନୋଜ କୁମାର ସାହୁ ଓ ଗୋବର୍ଦ୍ଧନ ପାତ୍ରକୁ ୧ ବର୍ଷ ଲେଖାଏ ଜେଲ ଦଣ୍ଡ ଶୁଣାଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରୋସିକ୍ୟୁଟର କ୍ଷୀରୋଦ ଚନ୍ଦ୍ର ପଣ୍ଡା, ପ୍ରଶାନ୍ତ କୁମାର ପତି ଏବଂ ରଜନୀକାନ୍ତ ମିଶ୍ର ପରିଚାଳନା କରିଥିଲେ। ଗତ ୨୦୨୨ ଡିସେମ୍ବରରେ ନନ୍ଦନକାନନ ଥାନା ଅନ୍ତର୍ଗତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଏଟିଏମ୍ କାଉଣ୍ଟରରୁ ଅଭିଯୋଗକାରୀ ବିଦ୍ୟାପତି ପାତ୍ର ଟଙ୍କା ଉଠାଇବାକୁ ଯାଇଥିଲେ। ପୂର୍ବରୁ ଯୋଜନା ମୁତାବକ ସେଠାରେ ରହିଥିବା ମନୋଜ ଓ ଗୋବର୍ଦ୍ଧନ ସାହାଯ୍ୟ କରିବା ଆଳରେ ତାଙ୍କ କାର୍ଡଟିକୁ ନେଇଯିବା ସହ ପାସ୍‌ୱାର୍ଡକୁ ବୁଝି ନେଇଥିଲେ। ଏହାପରେ ଅଭିଯୁକ୍ତଦ୍ୱୟ ବିଦ୍ୟାପତିଙ୍କ କାର୍ଡ ବଦଳରେ ତାଙ୍କୁ ଆଉ ଗୋଟିଏ କାର୍ଡ ଧରାଇ ଦେଇଥିଲେ। ପରେ ସେମାନେ ସେହି କାର୍ଡରୁ ଟଙ୍କା ଉଠାଇବା ସହ ଏକ ଜୁଏଲାରୀରୁ ୫୧ ହଜାର ଟଙ୍କାର ସୁନା ଗହଣା କିଣିଥିଲେ। ଏଥିସହ ୯୫ ହଜାର ଟଙ୍କା ଉଠାଇ ନେଇଥିଲେ। ଏନେଇ ବିଦ୍ୟାପତି ନନ୍ଦନକାନନ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ପୋଲିସ କେସ ନଂ.୧୦/୨୦୨୩ ରୁଜୁ କରି ତଦନ୍ତ ଚଳାଇଥିଲା।

### ବିଏମ୍‌ସିରୁ ବିଦାୟ ନେଲେ ୩ ଅଧିକାରୀ

**ଭୁବନେଶ୍ୱର, ୩।୨ (ବନ୍ଦନା ସେଠୀ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୩ଜଣ ଅଧିକାରୀଙ୍କ ଅନ୍ୟତ୍ର ବଦଳି ହୋଇଛି। ସେମାନେ ଜୋନାଲ ଡେପୁଟି କମିଶନର ସ୍ୱାଗତ ଦାସ, ଡେପୁଟି କମିଶନର ସ୍ନେହଲତା ଆଚାର୍ଯ୍ୟ ଓ ଆସିଷ୍ଟାଣ୍ଟ କମିଶନର ପଲ୍ଲବୀ ବେହେରା। ସେମାନଙ୍କୁ ଶନିବାର ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ସିଟି ଇଞ୍ଜିନିୟର ବିଳାସ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଓଡ଼ିଶାର ଇଣ୍ଟିଗ୍ରେଟେଡ୍ ବି.ଏସ୍‌ସି ବି.ଏଡ୍ ପ୍ରମାଣପତ୍ର ବୈଧ ହେଲାନି

**ଜାତୀୟ ନିଯୁକ୍ତିରୁ ୩୧ ବଞ୍ଚିତ**

■କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଇ-ମେଲ୍‌ରେ ପଠାଇଲେ ଅଭିଯୋଗ

କଟକ,୩।୨ (କାର୍ତ୍ତିକ ସାହୁ)

ଓଡ଼ିଶାର ଇଣ୍ଟିଗ୍ରେଟେଡ୍ ବି.ଏଡ୍. ସିବିସିଏସ୍ ପାଠ୍ୟକ୍ରମରେ ଯୋଗ୍ୟତା ହାସଲ କରିଥିବା ୩୧ ଜଣ ଛାତ୍ରୀଛାତ୍ର ଜାତୀୟ ସ୍ତରୀୟ ନିଯୁକ୍ତିରୁ ବଞ୍ଚିତ ହୋଇଛନ୍ତି। ସେମାନେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଇ-ମେଲ୍ ଯୋଗେ ଅବଗତ କରାଇଥିବା ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ଜାତୀୟ ସ୍ତରୀୟ ଶିକ୍ଷାନୁଷ୍ଠାନ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ ଆବେଦନ କରିଥିବା ଛାତ୍ରୀଛାତ୍ରମାନେ ଲିଖିତ ପରୀକ୍ଷା ଦେଇଥିଲେ। ସ୍ନାତକ ତାଲିମପ୍ରାପ୍ତ ପଦରେ ନିଯୁକ୍ତି ନିମନ୍ତେ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଆବେଦନକାରୀଙ୍କ ମଧ୍ୟରୁ ୫୧ ଜଣଙ୍କୁ ଫେବୃଆରୀ ୧ ତାରିଖରେ ପ୍ରମାଣପତ୍ର ଯାଞ୍ଚ ପାଇଁ ହାଇଦ୍ରାବାଦ ଡକାଯାଇଥିଲା। ସେମାନଙ୍କ ମଧ୍ୟରେ ଓଡ଼ିଶାର ୪୧ ଜଣ ଥିବାବେଳେ ଅବଶିଷ୍ଟ କେରଳ, ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟର ଥିଲେ। ମାତ୍ର ଓଡ଼ିଶାର ୩୧ ଜଣ ଆବେଦନକାରୀ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ଇଣ୍ଟିଗ୍ରେଟେଡ୍ ବି.ଏସ୍‌ସି ବି.ଏଡ୍ ଯୋଗ୍ୟତାଧାରୀ ବିଦ୍ୟାର୍ଥୀ ଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଏହି ଶିକ୍ଷା ଗ୍ରହଣ କରିଥିବା ଛାତ୍ର ବିଶ୍ୱଜିତ୍ ପ୍ରଧାନ ଓ ଛାତ୍ରୀ ଶୁଭସ୍ମିତା ପାଢ଼ୀ ମଧ୍ୟ ସେମାନଙ୍କ ମଧ୍ୟରେ ଅଛନ୍ତି। ଏହି ଦୁଇ ଆବେଦନକାରୀଙ୍କ କହିବାନୁସାରେ, ସିବିସିଏସ୍ ପାଠ୍ୟକ୍ରମରେ ଦୁଇଟି ଇଲେକ୍ଟିଭ ବିଷୟ ପୃଥକ ଭାବେ ୨ ବର୍ଷରେ ପରିବର୍ତ୍ତିତ ପାଠ୍ୟକ୍ରମ ଅନୁଯାୟୀ ୨୦୧୬ରୁ ପଢ଼ାଯାଉଛି। ଏଥିରେ ପ୍ରତି ଇଲେକ୍ଟିଭ୍ ବିଷୟକୁ ଗୋଟିଏ ବର୍ଷରେ ପଢ଼ାଯିବାର ନିୟମ ରହିଛି। ମାତ୍ର ହାଇଦ୍ରାବାଦରେ ପ୍ରମାଣପତ୍ର ଯାଞ୍ଚବେଳେ ଯାଞ୍ଚ କାର୍ଯ୍ୟରେ ନିୟୋଜିତ ଅଧିକାରୀମାନେ ଏମାନଙ୍କ ପ୍ରମାଣପତ୍ରକୁ ଅବୈଧ ବୋଲି ଦର୍ଶାଇଥିଲେ। ସେମାନେ ଦୁଇଟି ଯାକ ଇଲେକ୍ଟିଭ ବିଷୟ ପୂରା ୨ ବର୍ଷ ଯାକ ପଢ଼ିଥିଲେ ଏଠାରେ ସେହି ପ୍ରମାଣପତ୍ର ବୈଧ ହେବ ବୋଲି କହିଥିଲେ। ଏଥିସହ ଏହି ପାଠ୍ୟକ୍ରମ ମିଥ୍ୟା ବୋଲି ଆରୋପ ଲଗାଇ ସେମାନଙ୍କ ନିଯୁକ୍ତିକୁ ବାତିଲ କରିଦେଇଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମେତ ଓଡ଼ିଶାର ବିଶ୍ୱବିଦ୍ୟାଳୟଗୁଡ଼ିକୁ ଫେକ୍ ବୋଲି ଆକ୍ଷେପ କରିଥିବା ଦୁଇ ଆବେଦନକାରୀ ପ୍ରକାଶ କରିଛନ୍ତି। ଗତବର୍ଷ ନବୋଦୟ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ଇଣ୍ଟିଗ୍ରେଟେଡ୍ ବି.ଏଡ୍. ଯୋଗ୍ୟତାଧାରୀଙ୍କୁ ମଧ୍ୟ ଅନୁରୂପ ଭାବେ ଅବୈଧ ବିବେଚନା କରାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ତାହା ପୁଣି ନବୋଦୟ ସମିତି ଦ୍ୱାରା ଗୃହୀତ ହୋଇଥିବା ସୂଚନା ମିଳିଛି। ପୁଣି ଏଭଳି ଘଟିବା ଫଳରେ ଆବେଦନକାରୀମାନେ ନିରାଶ ହୋଇ ଫେରିବା ସହ ସେମାନଙ୍କ ଯୋଗ୍ୟତା ପ୍ରମାଣପତ୍ର ଜାତୀୟ ସ୍ତରରେ ଗ୍ରହଣ ହୋଇ ନ ଥିବାରୁ ଗଭୀର ଭାବେ ମର୍ମାହତ ଥିବା କହିଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନ ଏଥିପ୍ରତି ବିହିତ ପଦକ୍ଷେପ ନେବେ ବୋଲି ସେମାନେ ନିବେଦନ କରିଥିବା ସୂଚନା ଦେଇଛନ୍ତି।

# 'ସମାଜ ପରିବର୍ତ୍ତନ ନିଜଠୁ ଆରମ୍ଭ ହେଉ'



ଅମରେଶ ଜେନାଙ୍କୁ ସମ୍ବର୍ଦ୍ଧନା ଅବସରରେ 'ଧରିତ୍ରୀ' ଏବଂ 'ଓଡିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଓ ଅନ୍ୟ ଅତିଥି।

ଭୁବନେଶ୍ୱର,୩।୨ (ଅନୁରାଧା ମହାରଣା)

ରିଚ୍ ଲାଇଭ୍‌ସ ଏବଂ ୱି ଫର୍ ଭୁବନେଶ୍ୱର ପକ୍ଷରୁ 'ବର୍ତ୍ତମାନ ସମାଜରେ ମାନବିକତା କିପରି ରହିବା କଥା ଓ ଆମ ଦାୟିତ୍ୱ ନିର୍ବାହ' ଉପରେ ଏକ ଆଲୋଚନାଚକ୍ର ଶନିବାର ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ବେଦପାଠ ଓ ବନ୍ଦେ ଉତ୍କଳଜନନୀ ଗାନରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ରିଚ ଲାଇଭ୍‌ସର ନ୍ୟାଶନାଲ ପ୍ରେସିଡେଣ୍ଟ ଡ. ତାପସ ରଞ୍ଜନ ପଣ୍ଡା ପ୍ରାରମ୍ଭିକ ଭାଷଣରେ ମହିଳାମାନଙ୍କୁ ମାନସିକସ୍ତରରେ ସଶକ୍ତ କରିବା ହିଁ ଅସଲ ସଶକ୍ତୀକରଣ ବୋଲି କହିଥିଲେ। ମୁଖ୍ୟ ଅତିଥିଭାବେ ଦୈନିକ ଖବରକାଗଜ 'ଧରିତ୍ରୀ' ଏବଂ 'ଓଡିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଯୋଗଦେଇ ସାମାଜିକ, ରାଜନୈତିକ ଓ ନୈତିକତା ପରିବର୍ତ୍ତନର ଧାରା ସମ୍ପର୍କରେ ମତ ରଖିଥିଲେ। ସେ କହିଲେ, ସମସ୍ତେ ପରିବର୍ତ୍ତନର ଆବଶ୍ୟକତାକୁ ଅନୁଭବ କରୁଥିଲେ ମଧ୍ୟ ଅନ୍ୟକେହି ଏହି ପରିବର୍ତ୍ତନ ଆଣନ୍ତୁ ବୋଲି ସେମାନେ ଭାବୁଛନ୍ତି। ହେଲେ ସମାଜର ପରିବର୍ତ୍ତନ ସବୁବେଳେ ନିଜଠୁ ଆରମ୍ଭ ହେବା ଉଚିତ। ସମାଜରେ ସୁଧାର ଆଣିବାକୁ ହେଲେ ଆମେ ସମସ୍ତେ ପରସ୍ପର ପ୍ରତି ସେବା ଓ ପରୋପକାର ମନୋଭାବ ରଖିବା ଆବଶ୍ୟକ ବୋଲି ତଥାଗତ କହିଛନ୍ତି। ଉଦ୍‌ଘାଟକ ଭାବେ ମୟୂରଭଞ୍ଜ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଯୋଗଦେଇ କହିଲେ, ସରକାରଙ୍କ ଯୋଜନାରୁ ମିଳୁଥିବା ଲାଭ ଆମ ପାଇଁ ବୋନସ ସଦୃଶ। ମାତ୍ର ଆମେ ଯେତେ ପରିଶ୍ରମ କରିବା ସେତେ ଉନ୍ନତି କରିପାରିବା। ସାହାଯ୍ୟ ଲୋଡୁଥିବା ବ୍ୟକ୍ତିକୁ କେହି ଅଣଦେଖା କରିବା ଉଚିତ ନୁହେଁ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱାମୀ ଶୁଭନାନ୍ଦ କହିଲେ, ମଣିଷତ୍ୱ ଥିବା ବ୍ୟକ୍ତି ହିଁ ପ୍ରକୃତ ମାନବ। ଅନ୍ୟର ଉପକାରରେ ଆସୁଥିବା ବ୍ୟକ୍ତି ହିଁ ଅସଲ ମାନବ ବୋଲି ସେ କହିଥିଲେ। ଏହି ଅବସରରେ ମାନବିକତା ପ୍ରଦର୍ଶନ ତଥା ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ସୂର୍ଯ୍ୟନାରାୟଣ ମହାନ୍ତି, ମାନସ କୁମାର ଜେନା, ଅନିଲ କୁମାର ମହାନ୍ତି, ଆଭାରାଣୀ ଚୌଧୁରୀ, ଅମରେଶ ଜେନା, ଶାଶ୍ୱତୀ ମିଶ୍ର, ନିତ୍ୟାନନ୍ଦ ଦାସ, ସୁମନ ବେହେରା, ଡା. ମିତାଲି କର, ଡା. ସିଦ୍ଧାର୍ଥ ଶାହ, ଯତୀନ୍ଦ୍ର କୁମାର ପଣ୍ଡା ଓ ଶିଖ୍ ଏଡ୍ ଚାରିଟେବୁଲ ଟ୍ରଷ୍ଟ, ଗୋ ମାତା ସେବା ଫୋରମ, ସାହି ଭାଇ ପୁରୀ, ସୋସିଆଲ ୱାର୍କର ଫେଡେରେଶନ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସମ୍ମାନିତ ଅତିଥି ଡା. ଦେବକାନ୍ତ ବେହେରା ନିଜ ଅଭିଭାଷଣରେ ନାରୀର ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ କହିଥିଲେ। ଡ. ଦେବପ୍ରସାଦ ଦାସ ଆୟୁର୍ବେଦ ଚିକିତ୍ସା ପ୍ରଣାଳୀ ନୟାଗଡ଼ ଅଞ୍ଚଳର ମହିଳାଙ୍କୁ ସ୍ୱାବଲମ୍ବୀ କରିବାରେ ସହାୟକ ହୋଇଥିବା ସୂଚନା ଦେଇଥିଲେ। ୱି ଫର୍ ଭୁବନେଶ୍ୱରର ସଭାପତି ମିହିର କୁମାର ମହାନ୍ତି ବିଭିନ୍ନ ଉଦାହରଣ ମାଧ୍ୟମରେ ସେବା ମନୋଭାବର ଗୁରୁତ୍ୱ ବୁଝାଇଥିଲେ। ସେବା କରୁଥିବା ଲୋକଙ୍କୁ ଉତ୍ସାହିତ କରିବା ଆବଶ୍ୟକ ବୋଲି ସେ କହିଥିଲେ।

### ପଥର ଖସି ପୋକ୍‌ଲିନ ଚାଳକ ମୃତ

**ହାତିଆ ପାହାଡ଼ରେ ଅଘଟଣ**

ଖୋର୍ଦ୍ଧା,୩।୨ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ତାପଙ୍ଗ ଅଞ୍ଚଳରେ ଥିବା ହାତିଆ ପାହାଡ଼ରେ ଅଘଟଣ ଘଟିଛି। ପାହାଡ଼ ତଳଅଂଶରୁ ପଥର ବ୍ଲାଷ୍ଟିଂ, ଲୋଡିଂ କାର୍ଯ୍ୟ ଚାଲୁଥିବା ବେଳେ ପ୍ରାୟ ଦେଢ଼ଶହ ଫୁଟ ଉପରୁ ପଥର ଧସି ତଳେ ଥିବା ପ୍ରୋକ୍‌ଲିନ ମେଶିନ ଉପରେ ପଡ଼ିଥିଲା । ଫଳରେ ପୋକ୍‌ଲିନ ଅପରେଟର ଗାଡ଼ି ତଳେ ଚାପିହୋଇ ଯାଇଥିଲା। ଗୁରୁତର ଅବସ୍ଥାରେ ତାକୁ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ମୃତକ ହେଲେ ଜଙ୍କିଆ ନୂଆଗାଁ ଗ୍ରାମର ଦିଲୀପ ଶ୍ରୀଚନ୍ଦନ(୨୫)। ସୂଚନା ମୁତାବକ, ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ନିଜିଗଡ଼ ତାପଙ୍ଗ ମୌଜାରେ ରହିଛି ହାତିଆ ପାହାଡ଼ । ଏହାକୁ ବିଭିନ୍ନ ଭାଗରେ ଭାଗ କରାଯାଇଥିବାବେଳେ ଉକ୍ତ ପାହାଡ଼ ଉପରେ ଖୋର୍ଦ୍ଧା ଜିଲ୍ଲା ସମେତ ଓ ଆଖପାଖ ଜିଲ୍ଲାର ଶତାଧିକ ଶ୍ରମିକ କାମକରି ପରିବାର ଚଳାଇଥାନ୍ତି। ଶନିବାର ଅପରାହ୍ନରେ ମୁଣ୍ଡିଆରେ ପଥର ବ୍ଲାଷ୍ଟିଂ ଓ ଲୋଡିଂ କାର୍ଯ୍ୟ ଚାଲୁଥିବା ବେଳେ ଏକ ପଥର ପ୍ରାୟ ଦେଢ଼ଶହ ଫୁଟ ଉପରୁ ଖସି ପ୍ରୋକ୍‌ଲିନ ଉପରେ ପଡ଼ିଥିଲା । ଏଥିରେ ଚାଳକ ଦିଲୀପ ପ୍ରୋକ୍‌ଲିନ ଭିତରେ ଚାପିହୋଇ ଯାଇଥିଲେ। ଖବରପାଇ ସଦର ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ ଓ ତାଙ୍କ ଟିମ୍ ସମେତ ଅଗ୍ନିଶମ ସେବା ବାହିନୀ ଘଟଣାସ୍ଥଳରେ ପହଞ୍ଚି ପ୍ରୋକ୍‌ଲିନ ତଳୁ ଗୁରୁତର ଅବସ୍ଥାରେ ଦିଲୀପଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ସେଲ୍‌ଫି କର୍ନର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ରଞ୍ଜିତ୍



@ ସଙ୍କେତ



@ ଶୁଭରଞ୍ଜନ



@ ରୋଜାଲିନ୍



@ ଅଶୋକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।







ଓଡ଼ିଶା କେନେଲ୍ କ୍ଲବ ପକ୍ଷରୁ ଓୟୁଏଟି ଭେଟେରିନାରି କଲେଜ ଖେଳପଡ଼ିଆରେ ଶନିବାର ଆରମ୍ଭ ହୋଇଥିବା 'ଡଗ୍ ଶୋ'ରେ ଅଂଶଗ୍ରହଣ କରିଥିବା କୁକୁରମାନେ କଳାକୌଶଳ ପ୍ରଦର୍ଶନ କରୁଛନ୍ତି।

# ଓବିଡିଏଣ୍ଟ ଟ୍ରାଏଲ୍ସରେ 'ଗ୍ୟାବି' ଚାମ୍ପିୟନ



ଡଗ୍ ଶୋ'ରେ ଚାମ୍ପିୟନ ହୋଇଥିବା ଜର୍ମାନ ସେଫର୍ଡ କୁକୁର 'ଗ୍ୟାବି'।

**ଡଗ୍ ଶୋ ଆରମ୍ଭ**

**ଆଜି ଅଲ୍ ବ୍ରିଡ୍ ଡଗ୍ ଶୋ**

ଭୁବନେଶ୍ୱର, ୩।୨ (ଅସମାପିକା ସାହୁ)

ଓଡ଼ିଶା କେନେଲ୍ କ୍ଲବ ପକ୍ଷରୁ ଓୟୁଏଟି ଭେଟେରିନାରି କଲେଜ ଖେଳପଡ଼ିଆରେ ଶନିବାର ଡଗ୍ ଶୋ' ଆରମ୍ଭ ହେଇଛି। ଓୟୁଏଟି ଭେଟେରିନାରି କଲେଜର ଡିନ୍ ପ୍ରଫେସର ଡା. ସୁସେନ୍ କୁମାର ପଣ୍ଡା ଏହାକୁ ଉଦ୍‌ଘାଟନ କରିଛନ୍ତି। ପ୍ରଥମଦିନ ୬୩ତମ ଓବିଡିଏଣ୍ଟ ଟ୍ରାଏଲ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଭାଗ ନେଇଥିବା କୁକୁରଙ୍କୁ ହାଇଦ୍ରାବାଦରୁ ଆସିଥିବା ବିଚାରକ ଫିଲିପ୍ ବଟ୍‌ଙ୍କ ଆଦେଶ ପାଳନ କରିବାକୁ ପଡିଥିଲା। ଜର୍ମାନ ସେଫର୍ଡ, ବେଲଜିୟାନ ମାଲିନଇସ୍ ଆଦି ପ୍ରଜାତିର କୁକୁର ଏହି ଓବିଡିଏଣ୍ଟ ଟ୍ରାଏଲ୍ସରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ମାଲିକଙ୍କ କଥା ମାନି ଉଠ ବସ୍ ହେବା ସହିତ ବିଭିନ୍ନ ପ୍ରକାର ଆଦେଶକୁ ପାଳନ କରିଥିଲେ। ଶେଷରେ ମଣିଷଙ୍କ ଦେହର ଗନ୍ଧ ବାରି ରୁମାଲ ଖୋଜିବା ଭଳି କଷ୍ଟକର କାର୍ଯ୍ୟ କରିବାକୁ ଦେଇଥିଲେ ବିଚାରକ। ତେବେ ଏ ସମସ୍ତ କ୍ରୀଡ଼ାରେ ଶ୍ରେଷ୍ଠ ପ୍ରଦର୍ଶନ କରି ଚାମ୍ପିୟନ ହୋଇଥିଲା ପଶ୍ଚିମବଙ୍ଗର ରିତେଶ ଦତ୍ତଙ୍କ ୩ ବର୍ଷର ମାଈ ଜର୍ମାନ ସେଫର୍ଡ କୁକୁର 'ଗ୍ୟାବି'। ଏହି ପ୍ରତିଯୋଗିତାରେ ରିଙ୍ଗ ଷ୍ଟିୱାର୍ଡର ଦାୟିତ୍ୱ ନିର୍ବାହ କରିଥିଲେ ହାଇଦ୍ରାବାଦର ସୁନୀଲ ବଙ୍ଗାରି। ପ୍ରତିଯୋଗିତା ପରିଚାଳନା କରିଥିଲେ ଓଡ଼ିଶା କେନେଲ କ୍ଲବ ସଭାପତି ସୁବ୍ରତ ପୃଷ୍ଟି। ରବିବାର ମୁଖ୍ୟ କାର୍ଯ୍ୟକ୍ରମ ଅଲ୍ ବ୍ରିଡ୍ ଡଗ୍ ଶୋ ଅନୁଷ୍ଠିତ ହେବ ବୋଲି କ୍ଲବ୍ ସମ୍ପାଦକ ସିଦ୍ଧାର୍ଥ ମହାନ୍ତି କହିଛନ୍ତି। ଏହି ଶୋ ପରିଚାଳନାରେ କ୍ଲବ୍‌ର ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ନାଥ ସାହୁ, ଜୟଦର୍ଶୀ ନାୟକ, ପ୍ରଦୀପ୍ତ ମହାନ୍ତି, ପ୍ରଦୀପ୍ତ ନାଥ ଏବଂ ଅନ୍ୟମାନେ ସହଯୋଗ କରିଥିଲେ।

# ସପ୍ତମ ଯଶୁଆପୁର ମହୋତ୍ସବ ଉଦ୍‌ଘାଟିତ

ବାଲକାଟୀ,୩।୨ (ମନୋଜ ମଣ୍ଡଳ)

ବାଲିଅନ୍ତା ବ୍ଲକ ଉମାଦେଇ ବ୍ରହ୍ମପୁର ଗ୍ରାମ ପଞ୍ଚାୟତ ଅଧୀନସ୍ଥ ଯଶୁଆପୁର ଖେଳପଡ଼ିଆରେ ଶନିବାର ସପ୍ତମ ଯଶୁଆପୁର ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଯଶୁଆପୁର ବିକାଶ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି ଉଦଘାଟନୀ ସନ୍ଧ୍ୟାରେ ଅନୁଷ୍ଠାନ ପ୍ରତିଷ୍ଠାତା ରଞ୍ଜନ ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଛତିଶଗଡ଼ର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢ଼ାଲି, ପୂର୍ବତନ ବିଧାୟକ ଡ. ଦିଲୀପ ଶ୍ରୀଚନ୍ଦନ, ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ ମଞ୍ଚାସୀନ ଥିଲେ। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶୀ, ସମ୍ବଲପୁରୀ, ଭୁବନେଶ୍ୱର ଶୁଭଶ୍ରୀ କଳା ନିକେତନର କଳାକାରଙ୍କ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ପରେ ଖୋର୍ଦ୍ଧା କୁହୁଡି ରତନପୁର ମା' ମଙ୍ଗଳା ପାଇକ ଆଖଡ଼ା ଅନୁଷ୍ଠାନ ପକ୍ଷରୁ କଳାକାର ସମରକଳା ପ୍ରଦର୍ଶନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା।



ସପ୍ତମ ଯଶୁଆପୁର ମହୋତ୍ସବର ଉଦ୍‌ଘାଟନ ଅବସରରେ ଛତିଶଗଡ଼ର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

